ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

ଡିସେମ୍ବର ୧୧-୨୪, ୨୦୧୯

**ସୃଜନ-ଆଳାପ:** ମୀନାକ୍ଷୀ ଦେବୀ

**ଅବଲୋକନ :** ପ୍ରଫେସର ଦାଶରଥି ଦାସ

**ବ୍ୟଙ୍ଗ ଗଳ୍ପ :** ରାଧାଶ୍ୟାମ ରାଉଳ

**ପହିଲି ପୁଲକ:** ଚକ୍ରପାଣି ପରିଚ୍ଛା



# ମଉଳା ଫୁଲ




**ପୁଷ୍ପାଞ୍ଜଳି ଦାସ**

ସୁରଭି ଖୁବ୍ ତରତରରେ ଡ୍ରଇଂ ରୁମ୍‌କୁ ପଶି ଆସିଥିଲା, ଅସଜଡ଼ା ଜିନିଷ ସବୁକୁ ଟିକିନିଖି କରି ସଜାଡ଼ି ରଖୁଥିଲା। କୋଉଠି ଟିକିଏ ବି ଧୂଳି ନ ରଖି ସବୁ ଗୋଟିଗୋଟି କରି ପୋଛାପୋଛି କରିବାକୁ ଲାଗିଥିଲା। ଦିନଟାଯାକ ଅନ୍ୟ କାମରେ ବ୍ୟସ୍ତ ରହି ଏଇ ରୁମ୍‌ଟାର ଧୂଳିଯାକକୁ ଯେମିତି ଅଣଦେଖା କରିଦେଇଥିଲା। ସକାଳୁ ସଞ୍ଜ ଯାକେ ଭଲ ଭଲ ଖାଦ୍ୟ ତିଆରି କରିବା ଓ ନୂଆ ଆସିଥିବା ଡିନର ସେଟ୍‌ଟାକୁ ଧୁଆଧୋଇ କରି ସଜାଡ଼ି ରଖିବାରେ କେତେବେଳେ ସଞ୍ଜ ହୋଇଯାଇଥିଲା ଜାଣିପାରି ନ ଥିଲା। ସାନ ପିଲା ଦୁଇ ଜଣଙ୍କୁ କିଛି ସଜଫୁଲ ଆଣିବାକୁ ପଇସା ଦେଇ ପଠାଇ ଡ୍ରଇଂ ରୁମ୍‌କୁ ଆସିଥିଲା। ମନରେ ବାରମ୍ବାର ପ୍ରଶ୍ନ କେତେଟା ଉଙ୍କି ମାରୁଥିଲା... ଏତେ ଦୂର ବିଦେଶରୁ ଆସୁଛନ୍ତି, ଆମର ଏଇ ଛୋଟିଆ ଘର ଖଣ୍ଡିକ ସେମାନଙ୍କୁ ପସନ୍ଦ ହେବ ତ ? ପୁଣି ନିଜକୁ ନିଜେ ବୁଝାଉଥିଲା... ଘର ପସନ୍ଦ ହଉ କି ନ ହଉ, ଝିଅକୁ ତ ମୋର ପସନ୍ଦ କରି ସାରିଛନ୍ତି। ପୁଣି କେତେବେଳେ ଆଉ କେତେଗୁଡ଼ିଏ ପ୍ରଶ୍ନ ତାକୁ ବ୍ୟତିବ୍ୟସ୍ତ କରି ପକାଉଥିଲା। ଯେତେ ଯାହା ହେଲେ ବି ଝିଅ ମୋର ତାଙ୍କରି ପାଖରେ ସାରା ଜୀବନ ଚଳିବ, ଯଦି ତାକୁ ଆମ ଘରକୁ ନେଇ କେହି କିଛି ଶୁଣାଇଦିଏ, ଝିଅ ମୋର ସହି ପାରିବ ତ ? ଏମିତି ଅନେକ ପ୍ରଶ୍ନର ଅଡୁଆ ସୂତାରେ ଛନ୍ଦି ହୋଇ ପଡୁଥିଲା ସୁରଭି। ବାରମ୍ବାର କାନ୍ଥ ଘଣ୍ଟାକୁ ଚାହୁଁଥିଲା। ଏତେ ଡେରି ହେଲାଣି, ଅଥଚ ପିଲା ଦୁଇଟାଙ୍କର ଦେଖାନାହିଁ! ଖାଲି ଫୁଲ ଟିକେ ଆଣିବାକୁ ଯାଇଛନ୍ତି ଯେ ଏତେ ସମୟ ଲଗାଉଛନ୍ତି ? ବିରକ୍ତି ଓ ରାଗ ତା'ର ଧୀରେଧୀରେ ବଢ଼ିବାକୁ ଲାଗିଥିଲା। ଯଥାସାଧ ନିଜକୁ ବ୍ୟସ୍ତ ରଖିବାକୁ ଚେଷ୍ଟା କଲେ ବି କାନ୍ଥ ଘଣ୍ଟାଟା ଯେମିତି ତାକୁ ଥଟ୍ଟା କରୁଥିଲା। ବ୍ଲଡ୍‌ପ୍ରେସର୍ ହାଇ ହେବା ଦିନଠାରୁ କେମିତି କେଜାଣି ହଠାତ୍ ତା'ର ରାଗଟା ଟିକେ ବେଶୀ ବଢ଼ିଯାଉଛି, ସେଥିପାଇଁ ସମସ୍ତ ନିଜ ଲୋକଙ୍କଠାରୁ ସବୁବେଳେ ଉପଦେଶ ଶୁଣିବାକୁ ମିଳୁଛି।

ନିଜ କଥା ଭାବିବାରେ ପୂର୍ଣ୍ଣଚ୍ଛେଦ ପକାଇ ତତ୍ପର ହୋଇ ଉଠିଥିଲା ସୁରଭି, କୋଉ ମୁହୂର୍ତ୍ତରେ ନୂଆ ହବାକୁ ଥିବା ଜ୍ୱାଇଁଘର ଲୋକ ଆସି ପହଞ୍ଚି ଯିବେ। ସବୁ ତ ସଜାଡ଼ି ରଖିସାରିଛି, ଖାଲି ଡ୍ରଇଂ ରୁମ୍‌ରେ ସଜଫୁଲ କିଛି ରଖିବାକୁ ବାକି ଅଛି। ରାଗଟା ତା'ର ଆଉ ବୋଲ ମାନିବନି ଭାବି ଫୋନ୍‌ଟାକୁ ଧରିଲା, ଫୋନ୍ କରି ପିଲାଙ୍କୁ ଭଲକରି ଦୁଇପଦ ଗାଳି ଦେବ ବୋଲି ସ୍ଥିର କଲା, ଠିକ୍ ସେତିକିବେଳେ ଗେଟ୍‌ଟା ଖଟ୍ କରି କିଏ ଆସିବାର ସୂଚନା ଦେଲା। ମନଟା ଟିକେ ଡରିଗଲେ ବି କାଳେ ପିଲେ ଆସିଥିବେ ଭାବି ଝରକାବାଟେ ବାହାରକୁ ଆଖି ପକେଇଲା। ସତକୁ ସତ ପିଲାଙ୍କୁ ଦେଖି ଆଶ୍ୱସ୍ତ ହେଲା। ଦାଣ୍ଡ କବାଟ ଖୋଲି ଦେଇ ଆଗ ଫୁଲ ପାଇଁ ହାତ ବଢ଼ାଇ ଦେଲା। ଅନୀ ଆଡ଼କୁ ଅନାଇ କହିଲା– ଆଲୋ ଫୁଲତକ ଦଉନୁ, ଆଣିଛୁଟି ? ଅନୀର ମୁହଁରୁ କିଛି ବାହାରୁ ନ ଥିଲା, କେବଳ ପଛପଟେ ରଖିଥିବା ହାତଟିକୁ ଅତି ସନ୍ତର୍ପଣରେ ଆଗକୁ ଆଣି ଗୋଛାଏ ଝାଉଁଳା ଗୋଲାପ ଫୁଲ ତା' ହାତକୁ ବଢ଼ାଇ ଦେଲା। ଏ କ'ଣ ? ବ୍ଲଡ୍ ପ୍ରେସରଟା ସତେଯେମିତି ଅନେଇ ବସିଥିଲା ଉପରକୁ ଉଠିବାକୁ। ସୁରଭିର ମୁଣ୍ଡଟା ହଠାତ୍ କ'ଣ ହୋଇଗଲା। ଅନୀର ହାତରୁ ଫୁଲ ଗୋଛାକ ଟାଣି ନେଇ ଆଗେଇ ଯାଉଥିଲା ଡଷ୍ଟବିନ୍ ଆଡ଼କୁ। ପଛରୁ ଅନୀର ଅସ୍ପଷ୍ଟ ସ୍ୱର ହଠାତ୍ ତା' କାନରେ ବାଜିଗଲା– ବୋଉ, ଶୁଣିବୁନି, ଆମର କାହିଁକି ଏତେ ଡେରିହେଲା, ଆଉ ଏ ମଉଳା ଗୋଲାପ ଫୁଲ ଗୋଛା କଥା ?

ସବୁଥର ପରି ସୁରଭି ରହିଗଲା। ପଚାରିଲା– କୋଉଠି ପଇସା ହଜେଇ ଦେଇଛ ? କିଏ ଦେଲା ଏ ମଉଳା ଫୁଲଗୁଡ଼ାକ ତୁମକୁ? ଅନୀ, ରୁନି ଦୁଇଜଣଯାକ ପାଖକୁ ଟିକେ ଲାଗି ଆସିଲେ। କହିଲେ– ତୁ' ଆଗ ଟିକେ ଏଠି ବସ, ଆମେ ସବୁକଥା କହିବୁ, ତା'ପରେ ତୁ ସେ ଫୁଲକୁ ଫୋପାଡ଼େ କି ଯାହା କରିବୁ ଆମେ କିଛି କହିବୁନି। ସୁରଭି ଲଥ୍ କରି ବସିପଡ଼ିଲା ସୋଫା ଉପରେ। ପିଲା ଦୁଇଟାଙ୍କ କଥା ତ ସବୁବେଳେ ଶୁଣି ଆସିଛି, ହେଲେ ଆଜି ଯେମିତି ତା'ର ସମୟ କି ବଳ ପାଉ ନ ଥିଲା, ତଥାପି ଶୁଣି ବସିଲା। ରୁନି ଖୁବ୍ ଧୀରେଧୀରେ କହୁଥିଲା– ବୋଉଲୋ, ସନ୍ଧ୍ୟାବେଳେ ଫୁଲ ଆଣିବାକୁ ଗଲାବେଳେ ଦେଖିଲୁ ଗୋଟିଏ ଧୁଡୁଧୁଡୁ ବୁଢ଼ୀଟିଏ ଫୁଲ ଦୋକାନର ଅଳ୍ପ ଦୂରରେ ବସିବସି ଶୋଇପଡ଼ିଛି। ପାଖରେ ତା'ର ଛୋଟ ଗୋଟେ ଟୋକେଇରେ ଏଇ କେତେଟା ଝାଉଁଳା ଗୋଲାପ ଫୁଲ ଖଣ୍ଡେ ଛିଣ୍ଡାକନା ଉପରେ ପଡ଼ିଛି। ଆମେ ତା'ପାଖକୁ ଯାଇ ଡାକିଲାରୁ ବୁଢ଼ୀ ଧଡ଼ପଡ଼ ହୋଇ ଉଠି ବସିଲା, କେତେ ନେହୁରା ହେଲା ଆମ ହାତ ଧରି। କହିଲା– ଝିଅ, ଆଜି ସକାଳୁ କିଛି ବିକିରି ହେଇନି, ମୋ' ରୋଗଣା ବୁଢ଼ାଟା ତେଣେ ମତେ ଅନେଇ ବସିଥିବ, ମୁଁ କିଛି ନେଲେ ତୁଣ୍ଡରେ ଦେବ ବୋଲି। ତମର ଧରମ ହେବ, ଅଳପ ହେଉ ପଛେ ମୋ' ଫୁଲରୁ କିଛି ନିଅ। ବୋଉଲୋ, ସେ ବୁଢ଼ୀଟି ଚାଲିବା ତ ଦୂରର କଥା, ଭଲ କରି କଥା ବି ହୋଇପାରୁ ନ ଥିଲା। ଆମେ ସହିପାରିଲୁନି, ତୁ ଦେଇଥିବା ଦେଢ଼ଶହ ଟଙ୍କା ଦେଇ ସବୁଯାକ ଫୁଲ ତା'ର ନେଇଆସିଲୁ। ଆଉ ତାକୁ ଆମ ଗାଡ଼ିରେ ବସାଇ ତା' ଘର ପାଖରେ ଛାଡ଼ି ଦେଇ ଆସିଲୁ। ବାଟଯାକ ବୁଢ଼ୀ ଆଶୀର୍ବାଦ ଦେଇ କେତେ କ'ଣ କହି ଚାଲୁଥିଲା। ସୁରଭିର ପାଟିରୁ କିଛି ବି କଥା ବାହାରିଲାନି। ସତେଯେମିତି ବ୍ଲଡ୍‌ପ୍ରେସରଟା ତା'ର ହାଇରୁ ଲୋ ହୋଇ ଯାଇଥିଲା। ଚୁପ୍‌ଚାପ୍ ସେ ଫୁଲ ଗୋଛାକୁ ଧରି ଡ୍ରଇଂ ରୁମ୍‌ରେ ଥିବା ବଡ଼ ଫୁଲଦାନି ପାଖକୁ ଚାଲିଯାଇଥିଲା। ସେତକ ମଉଳା ଫୁଲକୁ ଟିକେଟିକେ ହାତରେ ସିଧା କରି ସଜେଇ ଦେଲା। ଅଜାଣତରେ ତା'ର ଦୁଇ ଆଖିରୁ ଦୁଇ ଟୋପା ଲୁହ ଗଡ଼ି ପଡ଼ିଲା। କିଛି ଆଶଙ୍କା ଓ କିଛି ଆତ୍ମସନ୍ତୋଷ ତା' ମନ ଭିତରକୁ ଗୋଟାଏ ଅସ୍ପଷ୍ଟ ଖିଆଲ ଯେମିତି ବାରମ୍ବାର ଚାଲିଆସୁଥିଲା– ''ମୋ' ପିଲେ ବଡ଼ ହୋଇଗଲେଣି।'' ବୋଉର ଆଶୀର୍ବାଦ ଯେମିତି ସତ ହୋଇଯାଇଥିଲା– 'ବଡ଼ ହେଲେ ଯାହା ହୁଅନା କାହିଁକି ଭଲ ମଣିଷଟିଏ ହୁଅ।'

**– ଶଙ୍କରପୁର, ଉପରସାହି, କଟକ**

# ଫାଲୀହାଙ୍କ ଅନ୍ୟ କୃତି ଅନୂଦିତ ହୋଇ ପ୍ରକାଶ ପାଉ




ମହାଶୟ,

✻ ଶୀତଦିନିଆ ସୁନେଲି ସକାଳରେ ଚଢ଼େଇଟି ପାଣିରେ ନିଜ ପ୍ରତିବିମ୍ବ ଦେଖି ଯାହା ଭାବୁଛି, ତାକୁ ବୋଧେ ଶବ୍ଦରେ ପରଷି ଦେଇଛି ସାହିତ୍ୟାୟନ ; ତା'ର ନଭେମ୍ବର ୧୩–୨୬, ୨୦୧୯ ସଂଖ୍ୟାରେ। ପୀତବାସ ବାବୁଙ୍କ ପ୍ରଶ୍ନର ଉତ୍ତର ଆମେ ସବୁଦିନେ ଅଙ୍ଗେ ନିଭାଇ ଚାଲିଛୁ। ତ୍ରିନାଥବାବୁଙ୍କ ପ୍ରବନ୍ଧ ପଢ଼ିଲା ବେଳେ ମନେପଡ଼ିଲା– ''ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ...'', ବାବାଜୀବାବୁଙ୍କ 'ସାରୋଳ ଦାସ'ଙ୍କୁ ତ ଆମେ ସାରଳା ଦାସ ବୋଲି ଜାଣିଛୁ। ତେବେ ଦୁହେଁ ଏକା ନା ଭିନ୍ନ ? 'ଲୁହର ଓଜନ ବାସ୍ତବରେ ଲୁହାଠୁ ବେଶି।' 'ଲଣ୍ଠନ' ଗଳ୍ପରେ ତିଥିକୁ ଲୁଣ୍ଠନ କରୁଛନ୍ତି ଅଜୟ ଆଉ ନିଶୀଥମାନେ। 'ତିଥି' ପରି ନିରୀହ ଫେରିବାଲା ଭୋକ ପାଇଁ ଲଣ୍ଠନ ବିକିଲା ବେଳେ କେତେ ଲୋଭିଲା ଆଖି ସେମାନଙ୍କୁ ଲୁଣ୍ଠନ କରେ ତା'ର ହିସାବ ନାହିଁ। ଫାଲୀହା ହାସନ କହିଛନ୍ତି ସତ କଥା– କବି ସତରେ ଜୀବନର ଛବି ବଦଳାଇ ଦେବାକୁ ସମର୍ଥ। 'ଇରାକର ମାୟା ଏଞ୍ଜେଲ'ଙ୍କ ଅନ୍ୟ କୃତିକୁ ଅନୁବାଦ କରି ପରିବେଷଣ କଲେ ଦୁନିଆ ଜାଣିପାରନ୍ତା ଏକବିଂଶ ଶତାବ୍ଦୀରେ ବି ମଣିଷ କେଡ଼େ ଦାରୁଣ ଯନ୍ତ୍ରଣା ଭିତରେ ରହିଛି– ପଶୁଠାରୁ ହୀନ ହୋଇ। 'ବାପୁ' କବିତାରେ ଜନତାଙ୍କୁ ଚାପୁଡ଼ାଏ ଦେଇଛନ୍ତି କମଳବାବୁ– ''ତୁମକୁ ମାର୍ଫତ୍ କରି ସବୁ ପାପ ପାଇଁ ସ୍ୱୀକୃତିର ସାର୍ଟିଫିକେଟ ମିଳୁଥିଲା ବେଳେ କୁହ ବାପୁ ସେମାନେ ତୁମକୁ ଭୁଲିବେ କେମିତି ?'' 'ହୁଏତ ସେମାନେ...'ରେ ବ୍ରହ୍ମାନନ୍ଦବାବୁ ସମସ୍ତଙ୍କୁ ବାପୁଙ୍କ ପରି ସତ କହି ପଛେ ମଲେ ମରିବାକୁ ଆହ୍ୱାନ ଦେଇଛନ୍ତି। 'କାଗଜ ଡଙ୍ଗା' ଭାସିଗଲା ପରେ ଶୀତ ଆସିଛି। ପକ୍ଷୀଙ୍କୁ ଉଡ଼ି ଆସିବାକୁ ଶ୍ରୀହରିବାବୁ ଚିଠିରେ ଛକି ଚିହ୍ନ ଦେଇ ଧନଞ୍ଜୟବାବୁଙ୍କୁ ନିମନ୍ତ୍ରଣ ଦେଉଛନ୍ତି। ଦୁନିଆରେ ସିନା ସାତ ସମୁଦ୍ର ତେର ନଈ, ତେବେ 'ଅଷ୍ଟମ ସମୁଦ୍ର'ର ସୃଷ୍ଟିକର୍ତ୍ତ୍ରୀ ଅଙ୍ଗୁରବାଳାଙ୍କ କବିତା ଲୁଣିଆ ଲୁହର ମଧୁବୋଳା।

**– ସୁସ୍ମିତା ପୁରୋହିତ, ସଦେଇପାଲି, ବୁର୍ଲା, ସମ୍ବଲପୁର**

✻ ନଭେମ୍ବର ୧୩–୨୬, ୨୦୧୯ 'ସାହିତ୍ୟାୟନ' ପଢ଼ିବା ପରେ 'ବହୁତ ଦେର୍‌ସେ କୋଇ ଖବର ନହିଁ ଆୟୀ, ଭୁଲ୍‌ନେ ୱାଲୋଁକୀ ଖୁଦା ଖୈର୍ କରେ' ସାୟରୀଟି ମନେ ପଡ଼ିଗଲା। 'ଅବଲୋକନ'ରୁ ''ବିସ୍ମୃତିର ପଥେ ଓଡ଼ିଆ ଭାଷା'' ବାସ୍ତବରେ ସମୟ ଉପଯୋଗୀ ଆଲେଖ୍ୟଟିଏ। ବିଶ୍ୱର ପ୍ରଥମ ଠାର ଭାଷା ପରେ ଅନେକ ଭାଷା ଜନ୍ମ ନେଇଛି। ତା' ସହ ଲିପିବିହୀନ ଉପଭାଷା ମଧ୍ୟ ; କେତେଯେ ଲୀନ ହେଉଛି ଧରାପୃଷ୍ଠରୁ ତାହା ଗବେଷଣାର ବିଷୟ। 'ସାରୋଳ ଦାସ ଏକାଦଶ ଶତାବ୍ଦୀର କି ?'ରେ ଆଲୋଚକ ବିରାଟ ପ୍ରଶ୍ନବାଚୀଟିଏ ଛାଡ଼ି ଯାଇଛନ୍ତି। ଏହାର ଉତ୍ତର ଯଦି 'ହଁ' ହୁଏ, ତେବେ ଓଡ଼ିଶାର ଇତିହାସକୁ ପୁନଃଲିଖନ କରିବାକୁ ହେବ ; ତା' ସହ ସାହିତ୍ୟର ଇତିହାସର ଧାରା ବି ବଦଳିଯିବ। 'ନୂଆ ପୁରୁଣା' ଓ 'କୁକୁର ପ୍ରତି ସାବଧାନ' ଯାହା 'ଦୁଇଟି ପ୍ରଶ୍ନଗଳ୍ପ'ରୁ ମିଳେ ଚେତନ ଓ ଅବଚେତନ ମନର ପ୍ରେରଣା। 'ଦୁଇଟି ଭିନ୍ନ ସ୍ୱାଦର ଗଳ୍ପ'ରୁ 'ଲୁହ'ରେ ମାତୃସ୍ମୃତିକୁ କେହି ବି ଭୁଲି ପାରେ ନାହିଁ। ଯିଏ ନିଜେ ତିନି ସନ୍ତାନକୁ ରକ୍ଷାକରେ ସେ ଜୀବନ୍ତ ଭଗବାନ୍। 'ଲଣ୍ଠନ' ଗପରେ ରହିଛି ସୁଦୂର ରାଜସ୍ଥାନର ଲଣ୍ଠନ ବିକୁଥିବା ବାଳିକାର ଆଖିର ଟଣାଟଣା ଚାହାଣି, ଯାହା ଅନ୍ୟ ଝିଅଙ୍କୁ ବି ଆକର୍ଷିତ କରେ। ତା' ଆଖିର ଭାଷାକୁ ଚିରଦିନ ପଢ଼ିବାକୁ ଥିବା ଜୀବନସାଥୀ ହୁଏତ ଗାଇବା– ''ହର୍ ସୀତାରା ଚାନ୍ଦ୍‌କେ କରିବ୍ ନହିଁ ହୋତା ; ଦୀଲ୍‌କା ଦୌଲତୱାଲେ ଗରିବ ନହିଁ ହୋତେ। ଦୋସ୍ତ ତୁମ ଜୈସା ମିଲା ହୈ, ଖୁଦା କରେ ହର କିସିକା ଐସା ନସୀବ ନହିଁ ହୋତା।'' 'ଦେଶେଦେଶେ'ରୁ ନାରୀ କବି ଫାଲୀହା ହାସନ 'ଆମ ଶାସକମାନେ ଯଦି କବି ହୋଇଥାନ୍ତେ, ତେବେ ସେମାନେ ଯୁଦ୍ଧ ଆରମ୍ଭ ହେବାକୁ ଦେଇ ନ ଥାଆନ୍ତେ' ଏକ ଚମତ୍କାର ବକ୍ତବ୍ୟ। ପ୍ରଚ୍ଛଦରେ ଜାଣିହନ୍ତା ଡାହୁକର ପ୍ରତିଫଳିତ ରୂପ, ପୁସ୍ତକ ପରିଚୟରେ ଶାରଦୀୟ ପତ୍ରିକାଗୁଡ଼ିକର ସମ୍ଭାର ଏବଂ କବିତା ପୃଷ୍ଠାଟି ହେଉଛି ଗୋଟିଏ ଗୋଟିଏ କଥା କହୁଥିବା ଚଳନ୍ତି ଚିତ୍ର। ସବୁ ବୁଧବାର ଯଦି 'ସାହିତ୍ୟାୟନ' ପ୍ରକାଶ ପାଉଥାଆନ୍ତା, ତେବେ ଆହୁରି ନୂଆ ଲେଖକ ସୃଷ୍ଟି ହୁଅନ୍ତେ।

**– ପ୍ରତାପ ଚନ୍ଦ୍ର ପାଢ଼ୀ (ହେମଲତା ପବ୍ଲିକ୍ ସ୍କୁଲ)**
**ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ**

**ସାହିତ୍ୟାୟନ**

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ। ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

**ମୀନାକ୍ଷୀ ଦେବୀ** ଓଡ଼ିଆ ସାହିତ୍ୟର ଏକ ପରିଚିତ ନାମ। ଗଳ୍ପ, ନାଟକ, ପ୍ରବନ୍ଧ, ଗୀତି-କବିତା ଓ ଶିଶୁସାହିତ୍ୟ ପ୍ରଭୃତି ସାହିତ୍ୟର ନାନା ବିଭାଗରେ ଲେଖନୀ ଚାଳନା କରି ସେ କୃତିତ୍ୱ ଅର୍ଜନ କରିଛନ୍ତି। ଏ ଯାବତ୍ ତାଙ୍କର ପାଞ୍ଚଟି କ୍ଷୁଦ୍ରଗଳ୍ପ ସଂକଳନ, ଛଅଟି ଗୀତି-କବିତା ସଂକଳନ, ଛଅଟି ଶିଶୁଗଳ୍ପ ସଂକଳନ, ଗୋଟିଏ ଶିଶୁ ଉପନ୍ୟାସ, ଗୋଟିଏ ଲଳିତ ନିବନ୍ଧ ସଂକଳନ, ଗୋଟିଏ ନାଟକ ପୁସ୍ତକ, ଦୁଇଟି ଶିଶୁ ନାଟକ ପୁସ୍ତକ, ଗୋଟିଏ ପ୍ରବନ୍ଧ ପୁସ୍ତକ, ଦୁଇଟି ଅନୁବାଦ ପୁସ୍ତକ- ଏହିପରି ପଚିଶଟି ପୁସ୍ତକ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରଜାତନ୍ତ୍ର ପ୍ରଚାର ସମିତି ଓ ଲେଖିକା ସଂସଦ ଆଦି ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତା। ୨୦୧୭ ମସିହା ପାଇଁ ସେ 'ଓଡ଼ିଶା ସଂଗୀତ ନାଟକ ଏକାଡେମୀ' ଦ୍ୱାରା ପୁରସ୍କୃତା। କବି ଓ ଅନୁବାଦକ ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସହ ସୃଜନ-ଆଳାପରେ ଏଥର ମୀନାକ୍ଷୀ ଦେବୀ...

# ଈଶ୍ୱରଙ୍କ କରୁଣା ଓ ଉତ୍ତରାଧିକାର ସୂତ୍ରରୁ ପାଇଛି ସାହିତ୍ୟ ସୃଷ୍ଟିର ପ୍ରେରଣା...

## ସୃଜନ-ଆଳାପ



ମୀନାକ୍ଷୀ ଦେବୀ

**ପ୍ର: ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆପଣ ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସାହିତ୍ୟ ସର୍ଜନା କ୍ଷେତ୍ରରେ ଆପଣଙ୍କର ପ୍ରେରଣା କିଏ?**

ଉ: ସାହିତ୍ୟ ସୃଷ୍ଟି କରିବାର ପ୍ରେରଣା ମୁଁ ଈଶ୍ୱରଙ୍କ କରୁଣା ଓ ଉତ୍ତରାଧିକାର ସୂତ୍ରରୁ ପାଇଛି। ମୋ' ନନା ଜଣେ ତ୍ୟାଗନିଷ୍ଠ ସ୍ୱାଧୀନତା ସଂଗ୍ରାମୀ। ସେ ବହୁ ଦେଶାତ୍ମବୋଧକ ଗୀତ, ପ୍ରବନ୍ଧ ଏବଂ ଶିଶୁ କବିତା ରଚନା କରିଥିଲେ। 'ମୋ ଦେଶ' ପତ୍ରିକାରେ ତାଙ୍କ ଲେଖାସବୁ ପ୍ରକାଶିତ ହେଉଥିଲା। ଘରେ ଏକ ସାହିତ୍ୟିକ ଓ ସାଂସ୍କୃତିକ ବାତାବରଣ ଥିଲା। ନନା ଘରେ ଗୋଟିଏ ଛୋଟ ଲାଇବ୍ରେରୀ କରିଥିଲେ। ଗାଁରେ ମଧ୍ୟ 'ଜଗନ୍ନାଥ ପାଠାଗାର' ପ୍ରତିଷ୍ଠା କରିଥିଲେ। ମୋ' ବୋଉ ବେଶୀ ପାଠ ପଢ଼ି ନ ଥିଲେ ମଧ୍ୟ ଛାନ୍ଦ, ଚଉପଦୀ ପ୍ରଭୃତି ମନେରଖି ସୁନ୍ଦର ଭାବରେ ଗାଉଥିଲା। ଆମ ଗାଁରେ ପ୍ରଥମେ ରେଡିଓ ଆମ ଘରକୁ ଆସିଥିଲା। ଆମେ ରେଡିଓରୁ ଗୀତ, ନାଟକ, ଆଲୋଚନା ପ୍ରଭୃତି ଶୁଣୁଥିଲୁ। ଏପରି ଏକ ପରିବେଶ ଭିତରେ ମୁଁ ଲେଖାଲେଖି କରିବା ସ୍ୱାଭାବିକ।

**ପ୍ର: ଆପଣ ସାହିତ୍ୟର ବହୁ ବିଭାଗରେ ଲେଖନୀ ଚାଳନା କରିଛନ୍ତି, କିନ୍ତୁ କେଉଁ ବିଭାଗଟି ଆପଣଙ୍କର ଅଧିକ ପସନ୍ଦ?**

ଉ: ଗଳ୍ପ, ନାଟକ, ଶିଶୁସାହିତ୍ୟ, ଗୀତି-କବିତା ପ୍ରଭୃତି ପ୍ରତ୍ୟେକ ବିଭାଗ ମୋର ପ୍ରିୟ। ତଥାପି ଗଳ୍ପ ରଚନାରେ ବେଶୀ ଆତ୍ମତୃପ୍ତି ମିଳେ।

**ପ୍ର: ସର୍ଜନା, ସଂଗଠନ ଓ ସମାଜସେବା ଏହି ତ୍ରିଧାରା ମଧ୍ୟ ଦେଇ ଆପଣଙ୍କ ପ୍ରତିଭା ଗତିଶୀଳ। ଜଣେ ନାରୀ ଭାବରେ ପରିବାରର ଦାୟିତ୍ୱ ମଧ୍ୟ ରହିଛି। ଏତେ ସବୁ କାମକୁ ଆପଣ କିପରି ତୁଲାଇ ପାରୁଛନ୍ତି?**

ଉ: ସମୟ ତ ସମସ୍ତଙ୍କ ପାଇଁ ୨୪ ଘଣ୍ଟା। ମୋ' ପାଇଁ ମଧ୍ୟ ସେତିକି। କିନ୍ତୁ ମୁଁ ସମୟର ସଂପୂର୍ଣ୍ଣ ସଦୁପଯୋଗ କରେ। ଏଥିପାଇଁ ପୂର୍ବରୁ ଯୋଜନା କରିବାକୁ ପଡ଼େ। କଷ୍ଟ ତ ହୁଏ ନିଶ୍ଚୟ, କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ ହୋଇପାରିବ।

**ପ୍ର: ଏ ପର୍ଯ୍ୟନ୍ତ କେତୋଟି ପୁସ୍ତକ ପ୍ରକାଶିତ ହୋଇଛି ?**

ଉ: ବିଭିନ୍ନ ବିଭାଗରେ ଏ ପର୍ଯ୍ୟନ୍ତ ୨୫ଟି ପୁସ୍ତକ ପ୍ରକାଶ ପାଇଛି।

**ପ୍ର: ସାହିତ୍ୟ ସୃଷ୍ଟି ସହିତ ସମଭାବରେ ଆପଣ ସାହିତ୍ୟ ସଂଗଠନ ସହିତ ଜଡ଼ିତ। ଜଣେ ନାରୀ ଭାବରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ଏବଂ ଓଡ଼ିଆ ଗୀତି-କବି ସମାଜର ସଂପାଦକ ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଆପଣ କିପରି ତୁଲାଉଛନ୍ତି ?**

ଉ: ଅବଶ୍ୟ ଏଇ ସବୁ ଦାୟିତ୍ୱରେ ନାରୀମାନେ ରହିବାକୁ ଇଚ୍ଛା କରନ୍ତିନି; କିନ୍ତୁ ନାରୀ ଆଉ ପୁରୁଷଙ୍କର ସମାନତା ବିଷୟରେ ପ୍ରଚାର କରାଯାଉଥିବା ବେଳେ ମୁଁ ନାରୀ ବୋଲି କାହିଁକି ଦାୟିତ୍ୱ ନେବାକୁ ଡରିବି? ମୋର ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି ଏବଂ ଦୃଢ଼ ଈଶ୍ୱରବିଶ୍ୱାସକୁ ପାଥେୟ କରି ମୁଁ ଏ ଗୁରୁଦାୟିତ୍ୱ ନେବାକୁ ଆଗେଇ ଆସିଛି।

**ପ୍ର: ସମାଜସେବା କ୍ଷେତ୍ରରେ ବି ଆପଣଙ୍କର ଖ୍ୟାତି ରହିଛି। ଏ କ୍ଷେତ୍ରରେ ଆପଣଙ୍କ ପ୍ରେରଣା କିଏ ?**

ଉ: ଅନ୍ୟ ପାଇଁ କିଛି କରିବାର ଇଚ୍ଛା ସବୁବେଳେ ସ୍ୱତଃସ୍ଫୂର୍ତ୍ତ। ପାହାଡ଼ କୋଳରୁ ଯେପରି ଝରଣା ଝରିଆସେ, ମଣିଷର ହୃଦୟରୁ ଅନ୍ୟ ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା ଆପେଆପେ ଝରିଆସେ। ମୋ' ନନା ଓ ବୋଉ ଏ କ୍ଷେତ୍ରରେ ମୋର ଆଦର୍ଶ, ଯେଉଁମାନେ ନିଜର ସୀମିତ ସମ୍ବଳ ସତ୍ତ୍ୱେ ସବୁବେଳେ ଅନ୍ୟକୁ ସାହାଯ୍ୟ କରିବାକୁ ଆଗେଇ ଆସୁଥିଲେ। ନାନା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ବହୁ କଷ୍ଟ ସ୍ୱୀକାର କରିବା ସହିତ କାରାବରଣ କରିଥିଲେ। ବନ୍ୟା, ମରୁଡ଼ି ସମୟରେ ରିଲିଫ୍ କାମ କରୁଥିଲେ। ଆମ ଅଞ୍ଚଳର ଦରିଦ୍ର ଲୋକଙ୍କୁ ହୋମିଓପାଥି ଔଷଧ ଦେଉଥିଲେ।

**ପ୍ର: ଆପଣଙ୍କର ସମାଜସେବାର ସ୍ୱରୂପଟି କ'ଣ ?**

ଉ: ମୁଁ ସବୁବେଳେ ଦରିଦ୍ର, ଅସହାୟ ଏବଂ କୁଷ୍ଠରୋଗୀମାନଙ୍କୁ ସେମାନଙ୍କର ଆବଶ୍ୟକତା ପୂରଣ ଦିଗରେ ସାହାଯ୍ୟ କରିଆସିଛି। ୧୯୯୫ ମସିହାରୁ ମୁଁ ମୋର କେତେକ ସମଧର୍ମୀଙ୍କୁ ନେଇ 'ଆଶା ଆଶ୍ୱାସନା' ନାମକ ଏକ ସେବା ଅନୁଷ୍ଠାନ ଗଢ଼ି ଦୀର୍ଘ ୨୪ବର୍ଷ ଧରି ବିଭିନ୍ନ ସ୍ୱାସ୍ଥ୍ୟ ଶିବିର, ମୋତିଆବିନ୍ଦୁ ଚିକିତ୍ସା ଶିବିରର ଆୟୋଜନ କରିଛି। ବିଭିନ୍ନ ଜରାଶ୍ରମ, ବାଳାଶ୍ରମ, କନ୍ୟାଶ୍ରମ ଏବଂ ବିଶେଷ ଭାବରେ କୁଷ୍ଠାଶ୍ରମରେ ଲୁଗାପଟା, କମ୍ବଳ, ଖାଦ୍ୟପଦାର୍ଥ, ଆଶାବାଡ଼ି ପ୍ରଭୃତି ବଣ୍ଟନ କରିଛୁ। କଟକସ୍ଥ ତେଲୁଗୁ ବସ୍ତିରେ 'ଆଶା ଆଶ୍ୱାସନା' ଗୃହ ସ୍ଥାପନ କରିଛୁ, ଯେଉଁଠାରେ ବର୍ତ୍ତମାନ 'ଆଶା ଆଶ୍ୱାସନା ବିଦ୍ୟାଳୟ' କାର୍ଯ୍ୟ କରୁଛି। ମଙ୍ଗରାଜପୁର ଜନନୀ ଆଶ୍ରମରେ ରୋଗୀ ଗୃହ ଏବଂ ନଳକୂପ ପ୍ରଭୃତି ସ୍ଥାପନ କରିଛୁ। ଏଥିପାଇଁ ଆମେ କୌଣସି ସରକାରୀ ସାହାଯ୍ୟ ନେଇନୁ।

**ପ୍ର: ସାହିତ୍ୟ ଓ ସମାଜସେବା ପାଇଁ ଆପଣ ବହୁ ପୁରସ୍କାର ପାଇଛନ୍ତି। ଏଇ ନିକଟରେ ଆପଣ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ଆପଣ ସମ୍ବର୍ଦ୍ଧିତ ହୋଇଛନ୍ତି। ପୁରସ୍କାରଟିଏ ପାଇଲେ କିପରି ଲାଗେ ?**

ଉ: ନିଶ୍ଚିତ ଭାବରେ ଖୁସି ଲାଗେ ଏବଂ ଆହୁରି ଆଗେଇଯିବାକୁ ମନରେ ଉତ୍ସାହ ଆସେ। ଯଦିଓ ପ୍ରକୃତ ଲେଖକ ଯଶ ସମ୍ମାନର ଅପେକ୍ଷା ରଖେନି ତଥାପି ଏ ସବୁ ତା' ଜୀବନକୁ ମଳୟ ପବନ ପରି ଆମୋଦିତ କରେ।

**ପ୍ର: ଓଡ଼ିଆ ଭାଷାର ସଂକଟ ବିଷୟରେ ବର୍ତ୍ତମାନ ଆଲୋଚନା ହେଉଛି। ଏ ବିଷୟରେ ଆପଣଙ୍କ ମତ କ'ଣ ?**

ଉ: ବିଶ୍ୱାୟନର ଯୁଗରେ ଆବଶ୍ୟକତା ଦୃଷ୍ଟିରୁ ଇଂରାଜୀ ଭାଷା ଶିଖିବା ବର୍ତ୍ତମାନ ଅନିବାର୍ଯ୍ୟ ହୋଇପଡ଼ିଛି। ତେଣୁ ଓଡ଼ିଆ କହିବା ଓ ଓଡ଼ିଆ ଲେଖିବା ଲୋକଙ୍କ ସଂଖ୍ୟା ଦିନକୁଦିନ କମିଯାଉଛି। ମାତାପିତାମାନେ ଏ ଦିଗରେ ଯତ୍ନବାନ ହେଲେ, ପିଲାମାନଙ୍କୁ ଘରେ ଓଡ଼ିଆ ଶିଖାଇଲେ ଏବଂ ମାତୃଭାଷାକୁ ଭଲ ପାଇବାକୁ ସେମାନଙ୍କ ମନରେ ପ୍ରେରଣା ସୃଷ୍ଟିକଲେ ଏହି ସଂକଟ ଦୂରେଇଯିବ।

**ପ୍ର: ଯୁବପିଢ଼ିଙ୍କୁ କି ବାର୍ତ୍ତା ଦେବେ ?**

ଉ: ଆଜିର ଯୁବପିଢ଼ି ସେମାନଙ୍କ କର୍ମସଂସ୍ଥାନ ପାଇଁ ସବୁବେଳେ ବ୍ୟସ୍ତ-ବିବ୍ରତ ରହୁଛନ୍ତି। ବେକାରି ସମସ୍ୟା ଯୋଗୁ ସେମାନଙ୍କ ସମସ୍ୟା ବଢ଼ି ଚାଲିଛି। ତଥାପି ନିରାଶ ନ ହୋଇ, କୌଣସି କାମକୁ ଛୋଟ ବୋଲି ନ ଭାବି ସେମାନେ ଜୀବନ-ପଥରେ ଆଗେଇ ଯାଆନ୍ତୁ। ମାତୃଭୂମି ଓ ମାତୃଭାଷାକୁ ଭଲପାଆନ୍ତୁ।

**ପ୍ର: ଭବିଷ୍ୟତ ପାଇଁ କୌଣସି ଯୋଜନା ?**

ଉ: ସେମିତି କିଛି ଯୋଜନା ନାହିଁ, ଖାଲି ଇଚ୍ଛା ଅଛି ବହୁତ କିଛି ଲେଖିବାକୁ ଏବଂ ଅନ୍ୟ ପାଇଁ କିଛି କରିବାକୁ।

## ମିନି ଗଳ୍ପ

# ଲାଞ୍ଚ



ସ୍ମିତା ନାୟକ

ଆଜିକାଲି ସମାଜରେ ସମସ୍ତେ ଦୁର୍ନୀତିରେ ଲିପ୍ତ। ଅନେକେ ଧଳା କୋଟ୍ ଭିତରେ କଳା କାର୍ଯ୍ୟ କରିବାରେ ବ୍ୟସ୍ତ, ତଥାପି ଉପରକୁ ସମସ୍ତେ ଭଲ ବୋଲି ଦେଖାଇ ହୁଅନ୍ତି। ମୁଁ ଓ ମୋର ବାନ୍ଧବୀ ସୁଶ୍ରୀତା ଏଥିରୁ ବା କିପରି ବାଦ୍ ପଡ଼ିବୁ।

ମୁଁ ଜଳ ଯୋଗାଣ ବିଭାଗରେ କାର୍ଯ୍ୟ କରୁଥିବା ବେଳେ ସୁଶ୍ରୀତା ଡାକ୍ତରଖାନାରେ କାର୍ଯ୍ୟ କରେ। ଉଭୟେ ଲାଞ୍ଚ ନେଉନାହୁଁ ବୋଲି ଆତ୍ମବଡ଼ିମା ଦେଖାଉ। ଦିନେ ମୋ' ଭାଇଙ୍କ ଏକ ଜରୁରୀ କାମ ଡାକ୍ତରଖାନାରେ ପଡ଼ିଲା। ବାରମ୍ବାର ଚେଷ୍ଟା ସତ୍ତ୍ୱେ କାମଟି ହେଲା ନାହିଁ। ଶେଷରେ ଭାଇ ମୋତେ ବାନ୍ଧବୀକୁ ଲାଞ୍ଚ ଦେଇ କାର୍ଯ୍ୟ ହାସଲ କରିବାକୁ କହିବାରୁ ମୁଁ ରୋକ୍‌ଠୋକ୍ ମନା କରିଦେଲି। କାରଣ ମୋ' ବାନ୍ଧବୀ ଲାଞ୍ଚ ନେଉ ନାହିଁ ବୋଲି କହି ବୁଲୁଥିଲା। ଶେଷରେ ମୁଁ ଅନନ୍ୟୋପାୟ ହୋଇ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହାୟତାରେ ଲାଞ୍ଚ ଦେଇ ମୋ' ଭାଇର କାର୍ଯ୍ୟ ହାସଲ କରିନେଲି। ତେବେ ମୋ' ଭାଇର କାର୍ଯ୍ୟ ହାସଲ କରିବା ନିମନ୍ତେ ମୁଁ ଦେଇଥିବା ଦୁଇହଜାର ଟଙ୍କାର ନୋଟ୍ ଉପରେ ଗୋଟିଏ ତାରକା ଚିହ୍ନ କରି ଦେଇଥିଲି।

କିଛିଦିନ ପରେ ମୋ' ବାନ୍ଧବୀ ସୁଶ୍ରୀତାର ଜରୁରୀ କାର୍ଯ୍ୟ ମୋ' କାର୍ଯ୍ୟାଳୟରେ ପଡ଼ିଲା। ଉଦ୍‌ଉଦିଆ ଖରାବେଳଟାରେ ଦିନେ ଧଇଁସଇଁ ହୋଇ ଦୁଇ ହଜାର ଟଙ୍କାର ନୋଟଟିଏ ଧରି ସୁଶ୍ରୀତା ମୋ' ପାଖକୁ ଆସିଲା। ଦୁଃଖସୁଖ କେତେ କଥା କହି ଦୁଇ ହଜାର ଟଙ୍କିଆ ନୋଟ୍‌କୁ ମୋ' ହାତରେ ଗୁଞ୍ଜି ଦେଇ କାର୍ଯ୍ୟଟି କରିଦେବାକୁ ଅନୁରୋଧ କଲା। ମୁଁ ପ୍ରଥମେ ନାହିଁ ନାହିଁ କହି ଶେଷରେ ଲୋଭରେ ନୋଟ୍‌ଟିକୁ ଧରିଲି। ସୁଶ୍ରୀତା ଗଲା ପରେ ନୋଟ୍‌ଟିକୁ କାଢ଼ି ଦେଖିବା ବେଳକୁ ନୋଟ୍ ଉପରେ ମୁଁ କରିଥିବା ତାରକା ଚିହ୍ନଟି ରହିଛି। ସେଥିରୁ ସ୍ପଷ୍ଟ ଜଣାପଡ଼ିଗଲାଯେ ସୁଶ୍ରୀତା ସେହି ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ ମୋ' ଭାଇର କାର୍ଯ୍ୟ କରିଛି। ସବୁବେଳେ ଲାଞ୍ଚ ନେଉ ନାହିଁ ବୋଲି ଆତ୍ମବଡ଼ିମା ଦେଖାଉଥିବା ସୁଶ୍ରୀତାର ମୁଖମଣ୍ଡଳ ମୋ' ଆଗରେ ଭାସି ଉଠିଲା। ପୁଣି ନିଜ ହାତରେ ଲାଞ୍ଚ ସ୍ୱରୂପ ପ୍ରଦତ୍ତ ଦୁଇ ହଜାର ଟଙ୍କା ଦେଖି ନିଜର ସଙ୍କୋଚପଣିଆ ଉପରେ ହସ ମଧ୍ୟ ଲାଗିଲା।

- ଭଞ୍ଜନଗର, ଗଞ୍ଜାମ

ବିଶେଷ ଗଳ୍ପ

# କୋଡ୍ ନଂ. ୩୩୩୩୩୩

ସତ୍ୟପ୍ରିୟ ମହାଲିକ

ଏ ଗପ ବିଲ୍‌କୁଲ୍ ଜଣେ ବା କେତେଜଣ ଖଳନାୟକଙ୍କୁ ନେଇ। ଭିନ୍ନଭିନ୍ନ ଦୃଶ୍ୟ ଓ ପ୍ରସଙ୍ଗରେ ଭିନ୍ନଭିନ୍ନ ଖଳନାୟକଙ୍କ ଆବିର୍ଭାବ ହେବ। ନାୟକ ହିଁ ଖଳନାୟକ। ବାକି ସବୁ ଲୋକବାକ। ହଁ, ଆମେ ମୂଳ କଥାକୁ ଫେରିବା। ମୂଳ କଥା ମାନେ ନଭେମ୍ବର ମାସ- ତେଇଶ ତାରିଖ- ରାତି ବାରଟାର କଥା। ରାତି ବାରଟା ପରର କଥା ଏ ଗପର ପୃଷ୍ଠଭୂମି। କାରଣ ବାରଟା ପରେ ଚବିଶ ତାରିଖ। ଚବିଶ ତାରିଖ ରବିବାର। ରବିବାର ଦିନ ସବୁ ଚଳିବ। ରବିବାର ହିଁ ଭାଗ୍ୟ ବଦଳିଯିବ।

ପି.ପି.ପି. ବର୍ମା ଆଣ୍ଟିକ୍ୟୁଟି ବ୍ଲୁ ମଗାଇଲା। ଏଇ ବ୍ରାଣ୍ଡ୍ ସାର୍‌ଙ୍କୁ ଭଲ ଲାଗେ। ଇମ୍ପୋର୍ଟେଡ ଛଡ଼ା ସାର୍ ଆଉ କିଛି ପିଇବେନି। ୧୮୮୬ରୁ ଏ ବ୍ରାଣ୍ଡ୍ ବଜାରରେ ନିଜର ପତିଆରା ବନେଇଛି। ଅଲଟ୍ରା ପ୍ରିମିୟମ୍ ହୁଇସ୍କି। ବର୍ମା କହିଲା: ‘ଚ୍ୟର୍ସ ସାର୍’। ‘ଚ୍ୟର୍ସ’ କହିଲା ସାର୍‌ଙ୍କ ପି.ଏ.। ସାର୍‌ଙ୍କ ପି.ଏ. ଖୁବ୍ ପିଏ। ସେ ପାଇଁ ସାର୍ ସବୁବେଳେ ପି.ଏ.କୁ ସାଙ୍ଗରେ ଧରି ପିଅନ୍ତି। ବର୍ମାର ଗାଲ ଦୁଇଟି ସଦ୍ୟ କଟା ତରଭୁଜ ପରି ଲାଲ୍ ଦିଶୁଥିଲା। ରୋଷ୍ଟେଡ୍ ଚିକେନ୍। ଇମିତି ସାର୍ ଶନିବାର ବି ଖାଆନ୍ତିନି। ସୋମବାର ବି ଖାଆନ୍ତିନି। ସେପାଇଁ ରାତି ବାରଟା ପରେ ଚିକେନ୍ ଫଡ଼ିଆ ଧରି ଚୋବେଇବାକୁ ଯାଉଚନ୍ତି, ଠିକ୍ ବେଳ ଦେଖି ପେଗ୍ ସଜାଡ଼ି ସାରି ବର୍ମା କହିଲା: ସ୍ୟା, ଆଉ ମାସେ ଟାଳି ଦିଅନ୍ତୁ ଏକ୍‌ଜାମ। ଗେସ୍ ପେପର ଛପା ହେବାକୁ ଯାଇଛି। ପ୍ରେସ୍‌ରୁ ଆସୁଆସୁ ଡିସେମ୍ବର ବିଶ୍ କି ପଚିଶ୍। ସ୍ୟା, ପ୍ଲିଜ୍ ସ୍ୟା...

ସାର୍‌ଙ୍କ ବିଳ ଦାନ୍ତରେ କ୍ୟାଭିଟି। ଚିକେନ୍‌ର ଟୁକୁଡ଼ା ଫସିଗଲା। ପେଗ୍ ଉଠେଇ ସାର୍ ହାତରେ ଧରି କହିଲେ: ବର୍ମା, ୟେ, ଦାନ୍ତଟା ମୋତେ ବଡ଼ କଲବଲ କରୁଚି। ତିନିଥର ଫିଲିଙ୍ଗ କରିଚି, ଯାହାକୁ ତାହା। ହଁ, ତମ ବହି କଥା। ମାତ୍ର ଛାତ୍ର ସଙ୍ଗଠନ ହଙ୍ଗାମା କରିବ। ଶିକ୍ଷାମନ୍ତ୍ରୀ ତାଗିଦା କରିବ। ଠିକ୍ ସମୟରେ ପରୀକ୍ଷା ନିଅ। ଫଳ ବାହାର କର। ଡିମ୍ବ ବାହାର କର। ଇମିତିବି ସେସନ୍ ଡେରିରେ ଚାଲିଚି। ଅନ୍ୟ ରାଜ୍ୟକୁ ପିଲାମାନେ ଯାଇପାରିବେନି। ଅନ୍ୟ କମ୍ପିଟେଟିଭ୍ ଏକ୍‌ଜାମରେ ଆପିୟର ହେଇପାରିବେନି। କାହାରି ଚାକିରି ବି ହେଇପାରିବନି। ମାସେ ଡେରି ହେଇଯିବ।

ପି.ପି.ପି. ବର୍ମା କୁକୁଡ଼ା ଗୋଡ଼ ଚୋବଉ ଚୋବଉ କ୍ କ୍ କ୍ ହେବା ପରି କହିଲା: ସ୍ୟା, ମୋର ବେପାର ବୁଡ଼ିଯିବ ସ୍ୟା। ଶର୍ମା ଗେସ୍ ପେପର ମାର୍କେଟ୍‌କୁ ଆସି ଯାଇଚି। ଗତବର୍ଷ ମୋର ଆଗେ ଆସିଥିଲା। ତା’ ବେପାର ମାନ୍ଦା ହେଇଗଲା। ଏଥର ସାର୍ ମୁଁ ପୂରା ବ୍ୟବସ୍ଥା କରି ଦେଇଛି। ଏଇ ଦେଖନ୍ତୁ ସାର୍। ଦୁବାଇ ଟୁର୍ ପ୍ୟାକେଜ। ପୂରା ଫ୍ୟାମିଲି ପାଇଁ ସାର୍। ସାତ ଦିନର ପ୍ୟାକେଜ୍। ଗାଡ଼ିରେ ରଖି ଦେଇଚି ସାର୍ ଆଟାଚି। କହିବେ ତ ଆପଣଙ୍କ ପାଇଁ ଇଣ୍ଡିଭିଜୁଆଲ ଟୁର୍ ପ୍ୟାକେଜ୍ କରିଦେବି- ଥାଇଲ୍ୟାଣ୍ଡ।

‘ଥାଇଲ୍ୟାଣ୍ଡ’ ନାଁ ଶୁଣି ସାର୍‌ଙ୍କ ଆଖି ଚମକି ଉଠିଲା ଓ ଜୋର୍‌ଜୋର୍‌ରେ ସେ କୁକୁଡ଼ା ଫଡ଼ିଆ ଚୋବେଇବାକୁ ଲାଗିଲେ। ଚୋବଉ ଚୋବଉ ବିଳ ଦାନ୍ତରେ ନିଜ ଜିଭକୁ ଚୋବେଇ ପକେଇଲେ। ପି.ପି.ପି. ବର୍ମା ଆଖିର ଇସାରା ବୁଝିଗଲା। ଆଉ ଗୋଟେ ପେଗ୍।

ପରୀକ୍ଷା ପ୍ରୋଗ୍ରାମ୍ ବାହାରିବାକୁ ଯାଉଥିଲା। ପୂରା ରାଜ୍ୟର ଏକାସାଙ୍ଗରେ ପରୀକ୍ଷା ହବ। ଏକାସାଙ୍ଗରେ ରେଜଲ୍ଟ ବାହାରିବ। ଚାନ୍‌ସେଲର୍‌ଙ୍କ ନିର୍ଦ୍ଦେଶ। ଆଗକୁ ବିଧାନସଭା ନିର୍ବାଚନ। ତା’ ଆଗରୁ ଖତମ୍ କରିବାକୁ ହେବ। ସବୁ ଭି.ସି.ଙ୍କୁ ନିର୍ଦ୍ଦେଶ ମିଳିସାରିଥିଲା। ଏଭଳି ପରିସ୍ଥିତିରେ ପରୀକ୍ଷା ତାରିଖ ଘୁଞ୍ଚେଇ ଦେବା କଠିନ କାମ। କିନ୍ତୁ ଘୁଞ୍ଚେଇବାକୁ ପଡ଼ିବ। ନ ହେଲେ ‘ପି.ପି.ପି. ଗେସ୍ ପେପର’ ବିକ୍ରି ହେବନି। ‘ପି.ପି.ପି. ଗେସ୍ ପେପର’ ବର୍ମା ସାହାବଙ୍କ ପ୍ରକାଶନୀରୁ ବାହାରେ। କରୋଡ୍ କରୋଡ୍ ଟଙ୍କାର କାରବାର।

‘ପି.ପି.ପି. ଗେସ୍ ପେପର’ ପରି ମାର୍କେଟରେ ତା’ର ପ୍ରତିଦ୍ୱନ୍ଦ୍ୱୀ ଭାବେ ‘ଶର୍ମା ଟ୍ୟାବ୍‌ଲେଟ୍’ ମିଳେ। ଦି’ଟା ଅଲଗା ଅଲଗା ପ୍ରକାଶନ ସଂସ୍ଥା। ପରୀକ୍ଷାର୍ଥୀମାନଙ୍କୁ ସହଜରେ ଚିଟିଂ କରି ପାସ୍ କରିଯିବା ପାଇଁ ଏସବୁ ଗୋଟେଗୋଟେ ଡ୍ରଗ। ଛୋଟଛୋଟ ପକେଟ୍‌ବୁକ୍ ସାଇଜ୍‌ର ପତଳା ପତଳା ବହି। ନିଉଜ୍‌ପ୍ରିଣ୍ଟର ଶସ୍ତା କାଗଜରେ ଛପା। ରେଡିମେଡ୍ ପ୍ରଶ୍ନ- ଉତ୍ତରର ସମ୍ଭାବ୍ୟ ବଜାର। ସୁବିଧାବାଦୀ ପରୀକ୍ଷାର୍ଥୀମାନେ ଆରାମରେ ଏସବୁ ବହିକୁ ପରୀକ୍ଷାର ପୂର୍ବ ରାତିରେ ଟୁକୁଡ଼ା ଟୁକୁଡ଼ା କରି ଶରୀରର ଗୁପ୍ତ ସ୍ଥାନମାନଙ୍କରେ ସୁରକ୍ଷିତ କରି ପରୀକ୍ଷା କକ୍ଷରେ ସଦୁପଯୋଗ କରନ୍ତି। ଶତପ୍ରତିଶତ ପ୍ରଶ୍ନ ହିଁ ଏଇ ଗେସ୍ ପେପର ବା ଟ୍ୟାବ୍‌ଲେଟ୍‌ମାନଙ୍କରୁ ଆସେ। ପରୀକ୍ଷାର୍ଥୀ ଖୁସ୍। ପ୍ରକାଶକ ବି ଖୁସ୍। ସାର୍ ବି ଖୁସ୍।

ରାତି ଦିଇଟା ବେଳକୁ ସାର୍‌ଙ୍କ ନିଶା ମଗଜକୁ ପୂରା ଅକ୍ତିଆର କରି ନେଇଥିଲା। ସାର୍ ଭୁଲିଯାଇଥିଲେ ଏବେ କେଉଁଠି ବସିଛନ୍ତି। ଇ.ପି.ପି. ବର୍ମା ପି.ଏ. କୁ ଇସାରା କଲା। ପି.ଏ. ସବୁ ବୁଝିପାରେ। ସେପାଇଁ ଖାଲି ସାଙ୍ଗ ହେବା ପାଇଁ ପିଏ, କିନ୍ତୁ ହୋସ୍‌ରେ ଥାଏ। ସେ ସବୁ ଜାଣେ। ସାର୍‌ଙ୍କ ନାଡ଼ୀ- ନକ୍ଷତ୍ର, ଚିତ୍ର- ଚରିତ୍ର... ସବୁ। ସାର୍‌ଙ୍କୁ ଥାଇଲ୍ୟାଣ୍ଡ୍ ଟୁର୍ ଭଲ ଲାଗେ। ସେ ଏକାଏକା ଯାଆନ୍ତି। ସେଠୁ ଫେରିଲା ପରେ ପୂରା ହିରୋ ପରି ଦିଶନ୍ତି। ଠିକ୍ ସତୁରି ଦଶକର ନାୟକ ପରି। ସାର୍‌ଙ୍କ ମହିମା ଅପାର।

ଚବିଶ ତାରିଖକୁ ପରୀକ୍ଷା ଘୁଞ୍ଚିଗଲା। ପି.ପି.ପି. ବର୍ମାର ଡିଲିଂ ପକ୍କା। ଲାଗିଲେ ଛକା, ନ ଲାଗିଲେ ଚଉକା। ପରୀକ୍ଷା ଘୁଞ୍ଚିଲା ମାନେ ଏ ବର୍ଷର ମାର୍କେଟ ଜମିବ। ବହି ବଜାରକୁ ଆସିଯିବ। ପରୀକ୍ଷା ପୂର୍ବରୁ ପହଞ୍ଚିଯିବ। ମାଲେମାଲ। ହଁ, ‘ଶର୍ମା ଟ୍ୟାବ୍‌ଲେଟ୍’ ସାଙ୍ଗରେ ଏଥର ଟକ୍କର ହେବ। ସେ ଆଗ ବଜାରକୁ ଆସିଚି। ଆସୁ, କିନ୍ତୁ କୋଶ୍ଚିନ ସେଟରଙ୍କୁ ସେ ଧରିପାରିନି ଏଥର। କୋଶ୍ଚିନ ସେଟରମାନଙ୍କୁ ଧରିବା ବଡ଼ କାଠିକର ପାଠ। ଧରାଛୁଆଁ ଦେବେନି। ନୂଆ କଣ୍ଟ୍ରୋଲର ଆସିବା ପରେ ନୂଆ ନିୟମ କରିଛି। କଣ୍ଟ୍ରୋଲର ରାଜପୁତ୍। ଭୂମିହାରଙ୍କୁ କି ଲାଲାଙ୍କୁ ସେ ଦଉନି। ଲାଲାଙ୍କୁ ଦେଲେ ସହଜରେ ଯୋଗାଡ଼ ବସିବ। କଉଁ ଚୋବେ କି ଦୁବେ କି ତ୍ରିବେଦୀ, କି ଠାକୁର କି ମିଶ୍ରା ପଡ଼ିଲେ ନାକେଦମ୍ କରିଦେବେ।

ଗତବର୍ଷ ଫିଜିକ୍ସର ସେଟର ଆରା ସାଇଡର ଦ୍ୱିବେଦୀ ଥିଲା। ତାକୁ ପଟେଇବା ପାଇଁ କମିଶନରର ଶଳାକୁ ଧରିବାକୁ ପଡ଼ିଲା। କମିଶନର ଶଳା ଡବଲ ପାଉଁରୋଟି ସେକିଲା। ମିଶ୍ରାଜୀର ଝିଅ ପିଏଚ୍.ଡି. କରିବା ପାଇଁ ସୁପରଭାଇଜର ପାଉ ନ ଥିଲା। ମିଶ୍ରାଜୀ ଝିଅ ପାଇଁ ସୁପରଭାଇଜର ଠିକ୍ କରାଗଲା। ବିନା ଲେଖାଲେଖିରେ, ବିନା କୋର୍ସ ୱାର୍କରେ, ବିନା ଯୁଗାଡ଼ରେ ପିଏଚ୍.ଡି. ପାର୍। ଡିଗ୍ରୀ ମିଳିଯିବ। ପଚାଶ ହଜାରରୁ ଲକ୍ଷେ। ଟପିକ୍ ଓ ଫାକଲଟି ନେଇ ଦର।

ଏଥର ମ୍ୟାଥ୍ ଓ କେମିଷ୍ଟ୍ରିର ସେଟରଙ୍କୁ ଧରିବା ପାଇଁ ମାସେ ଘୂରିବାକୁ ପଡ଼ିଲା କିଏ କଉଁ ଫାଶରେ ଫସିବ ସେ କଥା ବୁଝି ନେବାକୁ ପଡ଼େ। ନ ହେଲେ କାମ ବିଗିଡ଼ିଯିବ। କୋଶ୍ଚିନ୍ ସେଟର ଯେଉଁ ପ୍ରଶ୍ନ ବନେଇବ ସେଇ ପ୍ରଶ୍ନ ଗେସ୍ ପେପରରେ ଛପାଯିବ। ପରୀକ୍ଷାରେ ସେଇ ପ୍ରଶ୍ନ ଆସିବ। ସିଓର ସକ୍‌ସେସ୍। ‘ମାଷ୍ଟର କ୍ୟାପ୍‌ସୁଲ’ ସିରିଜର ଦଶଟା ବହି ବାହାରିବ। ସବୁ ଚଢ଼ା ଦରରେ ଯିବ। ରାତାରାତି ମାର୍କେଟ୍‌ରୁ ଗାଏବ ହୋଇଯିବ। ବ୍ଲାକ୍‌ରେ ମିଳିବ ବହି। କେହି କେହି ପାଇରେଟେଡ୍ ଜିରକ୍ସ କପି କରି ଦି’ଗୁଣା ଦରରେ ବିକିବେ।

ପି.ପି.ପି. ବର୍ମା ଥାଇଲ୍ୟାଣ୍ଡ ପାଇଁ ଟିକଟ୍ ଓ ଟୁର୍ ପ୍ୟାକେଜ୍ ବୁକ୍ କଲା। ସାର୍‌ଙ୍କ ସହିତ ମନ୍ତ୍ରୀ ବି ଯିବେ। ମନ୍ତ୍ରୀ ନ ଚାହିଁଥିଲେ ତାରିଖ ବଦଳି ନ ଥା’ନ୍ତା। ମନ୍ତ୍ରୀର ରେଟ୍ ଅଧିକା। ଏଥର ତ ଲଟାରି ଲାଗିଗଲା। ଏ ବର୍ଷ ବର୍ମାର ବେପାର ଭଲ ଜମିବ। ଯେତିକି ଇନ୍‌ଭେଷ୍ଟ ହେଇଚି ତା’ର ଦଶଗୁଣ ଆସିବା ଦରକାର। ଲାଭ କ୍ଷତିର ହିସାବ। ସେପଟେ ଶର୍ମା ବସିଚି ଜାଲ ବିଛେଇ। ଗତଥର ଜଲ୍‌ଦି ବଜାରକୁ ଆସି ନ ଥିଲା। ଏଥର ଫଣ୍ଡା ଅଲଗା ଥିଲା। ଅସଲ ଖେଳ ତ କୋଶ୍ଚିନ ସେଟରଙ୍କ ପାଖରେ ଥାଏ। ସେଠି ଲକ୍ଷଲକ୍ଷ ଟଙ୍କାର ଡିଲିଂ ହୁଏ। କିଏ ଡବଲ ପାଉଁରୋଟି ସେକେ ତ କିଏ ଟୁର୍ ପ୍ୟାକେଜ୍ ନିଏ।

ମାତ୍ର ପରୀକ୍ଷା ତାରିଖ ଘୁଞ୍ଚିଗଲା ପରେ ଶର୍ମାଜୀର ରକ୍ତଚାପ ବଢ଼ିଗଲା। ବଜାରରେ ଏବେ ତା’ର ଆଧିପତ୍ୟ ଥିଲା। ବର୍ମା ଏବେବି ସୁଦ୍ଧା ବଜାରକୁ ଆସି ନ ଥିଲା। ପରୀକ୍ଷା ଘୁଞ୍ଚିଲେ ବର୍ମାର ଫାଇଦା ହେବ। ଗତବର୍ଷ ତା’ର ମାର୍କେଟ ଚଢ଼ିଥିଲା। ଏଥର ମାନ୍ଦା ହେଇଥା’ନ୍ତା। ମାତ୍ର କଉଁଠି କିମିତି ଯୁଗାଡ଼ ଲଗେଇ ଦେଲା। ‘ଶର୍ମା ଟ୍ୟାବଲେଟ୍’ର ମାର୍କେଟ ଜମି ଆସିଲା ବେଳକୁ ବର୍ମା ଗେସ୍ ପେପରର ଆବିର୍ଭାବ ପ୍ରତିଦ୍ୱନ୍ଦ୍ୱିତାକୁ ଆହୁରି ବଢ଼େଇ ଦେବ। ଶର୍ମା ତା’ର ଶେଷ ଖେଳ ଖେଳିଲା।

ପଚିଶ ତାରିଖ ରାତି ବାରଟାରେ ସବୁ କିଛି ଫିକ୍ସିଂ ହେଇଗଲା। ଶର୍ମା ତା’ର ଶେଷ ଅସ୍ତ୍ର ପ୍ରୟୋଗ କଲା। ତା’ ପ୍ରକାଶନୀର ଉପଦେଷ୍ଟାମାନେ ତାକୁ ସବୁଠୁ ମାରାତ୍ମକ ଓ ସବୁଠୁ ଅମୋଘ ଅସ୍ତ୍ରର ଠିକଣା ବତାଇ ଦେଲେ। ହୋଟେଲ ‘ବ୍ଲୁ ଷ୍ଟାର୍’ର କମରା ନଂ. ୩୩୩। କୋଡ୍ ନଂ. ୩୩୩୩୩୩। ରାତି ବାରଟା ବାଜି ତିନି ମିନିଟ୍‌ରେ ଛାତ୍ର ସଂଘର ସଚିବ ଓ ଅଧ୍ୟକ୍ଷ ଦି’ଜଣ ଉପସ୍ଥିତ ହେଲେ। ସେମାନଙ୍କୁ ଜାତି ଓ ଭାଷାର ଅଫିମ ଶୁଙ୍ଘାଇ ଦିଆଗଲା। ମାତ୍ର ଅଳ୍ପ କେତେ ଘଣ୍ଟା ଭିତରେ ପ୍ରସ୍ତାବ ନିଆଗଲା କି କୋଡ୍ ନଂ. ୩୩ ଓ କୋଡ୍ ନଂ. ୩ କୁ ରାଜନୀତିକ ଫାଇଦା ଦିଆଯିବ। କୋଡ୍ ନଂ. ୩୩୩୩୩କୁ ଆବଶ୍ୟକତାଠାରୁ ଅଧିକ ବଡ଼ ଆଟାଚି ଦିଆଯିବ। ଆଉ ସବାଶେଷରେ ‘ବ୍ଲୁ ଷ୍ଟାର’ କମରା ନଂ. ୩୩୩ରେ ଡବଲ ରୋଟି ସେକାଯିବ।

ରାତି ପାହିଲାବେଳକୁ ଛୋଟବଡ଼ ଖବରକାଗଜ ଓ ଟିଭି ଚ୍ୟାନେଲରେ ପରୀକ୍ଷା ଘୋଟାଲାରେ ବଡ଼ବଡ଼ ଅଧିକାରୀ, ସଚିବ ଓ ବିଶ୍ୱବିଦ୍ୟାଳୟର ମୁଖ୍ୟ ତଥା ସଂପୃକ୍ତ ପ୍ରକାଶକଙ୍କ ବିଷୟରେ ହେଡ୍ ଲାଇନ ଆସିଗଲା। ବିଶ୍ୱବିଦ୍ୟାଳୟର ମୁଖ୍ୟ ଗେଟ୍ ଜାମ୍ ହେଇଗଲା। କଲେଜରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଓ ଆମରଣ ଅନଶନ ଆରମ୍ଭ ହେଇଗଲା। ବାସ୍, ଖେଳ ଖତମ୍।

ବର୍ମା ମୁଣ୍ଡରେ ଚଡ଼କ ପଡ଼ିଲା। ଶର୍ମା ନିଜ ମୁଛରେ ଜଡ଼ାତେଲ ମାରି ଛାତି ଫୁଲେଇ ତା’ ‘ଶର୍ମା ଟ୍ୟାବଲେଟ୍’ର ସେକେଣ୍ଡ ଏଡିସନ ଛାପିଲା।

ମାତ୍ର କୋଡ୍ ନଂ. ୩୩୩୩୩୩ ବିଷୟରେ ଆଉ କେହି କିଛି କହିଲେନି। ନା କେହି ନାୟକ, ନା କେହି ଖଳନାୟକ। ବାକି ତ ସବୁ ଲୋକବାକ।

-୪୦୫, ନୀହାରିକା ରେସିଡେନ୍‌ସି,
କଡମା, ଜାମ୍‌ଶେଦପୁର, ଝାରଖଣ୍ଡ-୮୩୧୦୦୫



ବ୍ୟଙ୍ଗ ଗଳ୍ପ

# ବାବାଙ୍କ ବିଳାସ

ରାଧାଶ୍ୟାମ ରାଉଳ

ଭାବଭାଇ ମକରାକୁ ବୁଝେଇଲେ, “ବାବାଙ୍କ ମହିମା ଅପାର, ସେ କ’ଣ ମାମୁଲି ବାବା, ଯଥା- ଝଡ଼ି ବାବା, ଜଟିଆ ବାବା, ବାବୁଲି ବାବା, ବାନା ବାବା ପରି ହେଉଛନ୍ତି ନା ସେମାନଙ୍କ ଭଳି ବୁଲିବୁଲି ଭିକ୍ଷାବୃତ୍ତି କରୁଛନ୍ତି? ଆମ ବାବା ହେଲେ ପା’ ବୃନ୍ଦାବନ ଫେରନ୍ତା, ସିଦ୍ଧପୁରୁଷ! ନିତ୍ୟ ଧାମରେ ଦିନେ ନୁହେଁ ମାସେ ନୁହେଁ, ଲାଗ୍‌ଲାଗ୍ ବାରବର୍ଷ ତପସ୍ୟା କରି ସିଦ୍ଧି ପାଇଛନ୍ତି। ରାଧାକୃଷ୍ଣଙ୍କର ସାନ୍ନିଧ ଲାଭ କରିବାରେ ସକ୍ଷମ ହୋଇ ପାରିଛନ୍ତି। ଦେଖୁନା କେମିତି ବାବାଙ୍କ ପାଖକୁ ସବୁବେଳେ ଭକ୍ତମାନଙ୍କର ଲମ୍ବାଲାଇନ୍ ଲାଗିଛି! ବାବାଙ୍କର ବ୍ୟକ୍ତିତ୍ୱକୁ ସାଧାରଣ ମାପକାଠିରେ ତଉଲିବା କଷ୍ଟକର ବ୍ୟାପାର। ବାବା କ’ଣ ପାଠ ପଢ଼ିଛନ୍ତି ନା ୟୁନିଭର୍ସିଟି ଡିଗ୍ରୀ ହାସଲ କରିଛନ୍ତି? ତଥାପି ତାଙ୍କର ଯୋଗସିଦ୍ଧ ଜ୍ଞାନ ପାଖରେ ଆଚ୍ଛାଆଚ୍ଛା ପଣ୍ଡିତ, ବିଶାରଦ ହାର ମାନିଛନ୍ତି ନା’ ଓ। ହେଇଟି ବାବାଙ୍କ ନାମ ଖାଲି ଉଚ୍ଚାରଣ କରିଦେଲେ ସଙ୍କଟମୋଚନ ହୋଇଗଲା ବୋଲି ଜାଣ। କି ଗୀତା, କି ଭାଗବତ, କି ପୁରାଣ ଶାସ୍ତ୍ର ସବୁଥିରେ ବାବାଙ୍କର ଅଗାଧ ଜ୍ଞାନ। ବାବାଙ୍କର ପ୍ରବଚନ ଯିଏ ଶୁଣିଛି, ସେ ତନ୍ମୟ, ବିଭୋର ହୋଇଯାଇଛି। ବାବା ଅଳ୍ପ କଥା କହନ୍ତି। କିନ୍ତୁ ଯେତିକି କହନ୍ତି, ପ୍ରତ୍ୟେକ ଶବ୍ଦରୁ ଅମୃତ ଝରୁଥାଏ। ପ୍ରତିଟି ଶବ୍ଦ ବିଭୁ ଚେତନାରେ ପରିପୁଷ୍ଟ। ଏହାକୁ କହନ୍ତି ଐଶ୍ୱରିକ ପ୍ରେରଣା।”

‘ଆଚ୍ଛା ଭାବଭାଇ, ବାବା ତ ବାରବର୍ଷ କାଳ ନୀରବରେ ବସି ଧ୍ୟାନ କରୁଥିଲେ, ଉଁ ନ ଥିଲା କି ଚୁଁ ନ ଥିଲା। ଏଣେ ପୁଣି ପାଠଶାଠ ନାହିଁ। କେମନ୍ତ ପ୍ରକାରେ ଏତେ ଜ୍ଞାନ ଅର୍ଜି ପାରିଲେ କିରେ?’- ମକରା ଅତ୍ୟନ୍ତ ଉତ୍ସୁକତାର ସହ ପ୍ରଶ୍ନ କଲା।

ଭାବଭାଇ ମକରାର ପ୍ରଶ୍ନ ଶୁଣି ଭାବପ୍ରବଣ ହେଇ କହିଲେ, “ମହାପ୍ରଭୁଙ୍କ ଅପାର କୃପାରୁ ବାବା ଆମର ପ୍ରଚୁର ଜ୍ଞାନକୁ ହାସଲ କରି ପାରିଛନ୍ତି। ପାଠ ସେଠି ଲୋଡ଼ା ନାହିଁ। ଆଜିକାଲିକା ପିଲାମାନେ ପାଠ ପଢ଼ି କି ଜ୍ଞାନ ପାଉଛନ୍ତି କିରେ? ଯେଉଁ ଜ୍ଞାନରେ ଭଗବତ୍ ଚେତନା ଉଦ୍‌ଭାସିତ ନୁହେଁ, ଯେଉଁ ଜ୍ଞାନରେ ସଂଯମତା ଓ ପ୍ରେମ ନାହିଁ, ସେ କି ଜ୍ଞାନ ହୋ? ପ୍ରକୃତ ଜ୍ଞାନର ଅଧିକାରୀ ଯିଏ ହେଇଥିବ, ତା’ ପାଖରେ ସମ୍ମୋହନ ଶକ୍ତି ଥିବ। ଆଉ ସେଇ ସମ୍ମୋହନ ଶକ୍ତି ବଳରେ, ସେ ସମସ୍ତଙ୍କୁ ଆକର୍ଷଣ କରିପାରିବେ, ସତ୍‌ମାର୍ଗ ଦେଖେଇ ପାରିବେ। ବାବା ହେଲେ ଏ ସବୁର ଅଧିକାରୀ। ଯୋଗ୍ୟ ବାବା ଆମର। ଭକ୍ତମାନେ ପରା ଭକ୍ତି ଭାବରେ ଗଦ୍‌ଗଦ୍ ହେଇ ‘ସ୍ୱାମୀ’, ‘ସ୍ୱାମୀ’ ଡକା ପାରୁଥା’ନ୍ତି, ନିଜକୁ ପୂର୍ଣ୍ଣ ପ୍ରାଣରେ ବାବାଙ୍କ ଚରଣାରବିନ୍ଦରେ ସମର୍ପି ଦେଇଥା’ନ୍ତି।”

ମକରା କହିଲା, “ଭାବଭାଇ, ମୁଁ ଦେଖୁଛି ତୁମେ ବାବାଙ୍କର ଖାସା ଭକ୍ତଟିଏ। ତୁମଠାରୁ ବାବାଙ୍କର ମହିମା ଶୁଣି ମୋର ମନ ଉଚ୍ଛନ୍ନ ହେଉଛି, ଥରେ ବାବାଙ୍କର ଦର୍ଶନ ଲଭିବି କେମିତି? ବାବାଙ୍କର ଶ୍ରୀମୁଖରୁ କିଛି ଶୁଣିବା ପାଇଁ ମୋର ମନ ପ୍ରାଣ ଆତୁର ହେଉଛି।”

ମକରା ଭାବଭାଇର ସେଣ୍ଟିମେଣ୍ଟକୁ ଚତୁରତାର ସହ କୁତୁକୁତୁ କରିଦ୍ୟନ୍ତେ ଭାବଭାଇଙ୍କର ଭାବ ଓ ଭକ୍ତି ନଦୀରେ ପ୍ଳାବନ ସୃଷ୍ଟି ହେଲା। ତତ୍‌କ୍ଷଣାତ୍ ସେ ଉଦ୍‌ଗାରିଲେ, “ବାଃ ନିସ୍ତାର ପାଇଗଲୁରେ ଜୀବ! ତୋ’ ଭିତରେ ବାବାଙ୍କ ପ୍ରତି ଏ ଯେଉଁ ଭକ୍ତିଭାବ ଜାତ ହେଲା, ସେତକ ଯଥେଷ୍ଟ। ବାବା ହେଲେ ଅନ୍ତର୍ଯାମୀ। ତୋ’ ମନର କଥା ଓ ବ୍ୟଥା, ତୋ’ ହୃଦୟର ଆବେଗ ଓ ଶ୍ରଦ୍ଧା ତାଙ୍କ ପାଖରେ ପହଞ୍ଚି ସାରିଲାଣି। ଚେତା ପୁରୁଷ ପା’ ମନକୁ ବୁଝେଇ କହୁଛି, ‘ଆରେ ଶୁଖା ଖଡ଼୍‌ଖଡ଼୍, ମିଛ ମାୟାରେ ପଡ଼ି ହେଉ ନଡ଼୍‌ବଡ଼୍।’ ବାବା ହେଲେ କ୍ଷମାଶୀଳ, କାରୁଣିକ। ତୋତେ କେବେ ବି ନିରାଶ କରିବେ ନାହିଁ। ଶିଷ୍ୟ ଭାବରେ ନିଶ୍ଚେ ଗ୍ରହଣ କରିବେ। ହେଲେ ମନେରଖ, ବାବାଙ୍କ ପ୍ରତି ତୋ’ ପାଖରେ ସମର୍ପଣ ଭାବ ରହିବା ଚାହି।”

ମକରା କହିଲା, “ୟାଉସ୍ୟାଉ ପୁଳାଏ କାହିଁକି ଗପୁଛ କହିଲ ଭାବଭାଇ? ପହିଲେ ମୁଁ ବାବାଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଛି। ତାଙ୍କ ସହିତ କିଛି ଅନ୍ତରଙ୍ଗ ଆଳାପ କରିବାକୁ ମୋର ଭାରି ଇଚ୍ଛା।”

ଭାବଭାଇ ମକରା ଉପରେ ବିରକ୍ତ ହୋଇ କହିଲେ, “ଧେତ୍, ସନ୍ଦେହ ତୋ’ ମନ ଭିତରେ ବସା ବାନ୍ଧିଲାଣି। ତୁମ୍ଭକରେ କହିଦେଉଛି, ଦେଖ୍ ମକରା, ବାବା ବହୁତ ବିଜି ଲୋକ। ତାଙ୍କ ଦର୍ଶନ ମିଳିବା ଭାଗ୍ୟର କଥା! ଆଉ ତାଙ୍କ ସହ ତୁ ଅନ୍ତରଙ୍ଗ ଆଳାପ କରିବୁ କହୁଛୁ? ହୁଁ, ସାତସପନ ଭାବିନେ ବେଟା!”



ମକରା ଚିଡ଼ିଯାଇ କହିଲା, “ମଲା ମୋର, ସାକ୍ଷାତ୍ ଦେବେ ନାହିଁ, କଥାବାର୍ତ୍ତା ହେବେ ନାହିଁ, ସେ କି ବାବାରେ ଗଣା ହୋ?”

ଭାବଭାଇ ମକରା ପିଠିରେ ହାତ ଥାପୁଡ଼େଇ, ମୁରବିପଣ ଦେଖେଇ କହିଲେ, “ତୋର ଏ ବିଦ୍ରୋହକୁ ଚପେଇ ଦେ’ କହୁଛି। ଶୁଣ୍, ଜଣେ ଉଦ୍‌ଭ୍ରାନ୍ତ ଯୁବକ ବାବାଙ୍କର ସାଧନା ଓ ଜ୍ଞାନଗରିମାକୁ ବେଖାତିର କରି ତାଙ୍କ ଆସ୍ଥାନ ଆଡ଼କୁ ଆକ୍ରମଣାତ୍ମକ ଭଙ୍ଗୀରେ ମାଡ଼ି ଆସିଲା। ବାବା କେବଳ ତା’ର ସ୍ପର୍ଦ୍ଧିତ ଗତିବିଧିକୁ ମୁଣ୍ଡଟେକି ଚାହିଁଦେଲେ। ବାସ୍, ଗଛ ଭାଙ୍ଗିପଡ଼ିବା ଭଳି ସେ ବାବାଙ୍କ ସାମ୍ନାରେ ଦୁଲ୍‌କିନା ମୁହଁ ମାଡ଼ି ପଡ଼ିଗଲା। ‘ମୋର ଭୁଲ୍ ହୋଇଯାଇଛି, ମୋତେ କ୍ଷମା କରିଦିଅ’ କହି ବାବାଙ୍କ ଚରଣ ଦ୍ୱୟକୁ ଜାବୋଡ଼ି ଧରିଲା। ବାବା ଯୁବକ ମୁଣ୍ଡରେ ହାତ ଥୋଇ କହିଲେ, “ଯାଅ ବତ୍ସ, ସତ୍‌କର୍ମ ପାଇଁ ମନ ବଳାଅ।” ତା’ପରେ ତ ସେଇ ଯୁବକ ସକଳ କୁକର୍ମ ପରିହାର କରି ବାବାଙ୍କ ସେବାରେ ନିଜକୁ ନିୟୋଜିତ କରିଦେଲା। ଏବେ ଆଶ୍ରମରେ ବାବାଙ୍କର ପ୍ରଧାନଶିଷ୍ୟ ଭାବରେ ସେ ଭକ୍ତମାନଙ୍କ ଗହଣରେ ବେଶ୍ ଜଣାଶୁଣା।”

ମକରା କହିଲା, “ଦେଖ୍ ଭାବଭାଇ, ତୁମ ସହ ବେଶି ବକର ବକର ହେବାକୁ ମୋତେ ଭଲ ଲାଗୁନାହିଁ କି ମୋ’ ପାଖରେ ସମୟ ନାହିଁ। ପ୍ରଥମ କଥାହେଲା, ମୁଁ ବାବାଙ୍କୁ ସାକ୍ଷାତ୍ କରିବି, ତା’ପରେ ଯେଉଁକଥା।”

ଭାବଭାଇ ଅଳ୍ପ ହସିଦେଇ କହିଲେ, “ବାବୁ ମକରା, ଜମାରୁ ଅବୁଝା ହୁଅନାହିଁ। ହେଉ ହେଲା, ତୋ’ରି କଥା ରହିଲା। ବାବାଙ୍କ ସହିତ ମୁଁ ତୋ’ର ସାକ୍ଷାତ୍ କରେଇଦେବି, ବୁଝିଲୁ। ହେଲେ ବାବାଙ୍କ ସାଥେ ବେଶି ଯୁକ୍ତିତର୍କ କରିବୁ ନାହିଁ। କାରଣ ସେ ଭକ୍ତିମାର୍ଗୀ ଲୋକ, ଯୁକ୍ତିତର୍କକୁ ବିଲ୍‌କୁଲ୍ ପସନ୍ଦ କରନ୍ତି ନାହିଁ।”

ତେବେ ‘ବହୁ ଆଡ଼ମ୍ବରରେ ଲଘୁକ୍ରିୟା’ ପ୍ରମାଣେ ପ୍ରଥମେ ଭାବଭାଇ ସହିତ ଆଶ୍ରମରେ ପହଞ୍ଚି ମକରା ଖବର ପାଇଲାଯେ, ବାବା କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ କଲେକ୍ଟରଙ୍କ ପାଖକୁ ଯାଇଛନ୍ତି। ଅବଶ୍ୟ ଏ ବାବଦରେ ଭାବଭାଇ ଆଗତୁରା ସଫେଇ ଦେଇ କହିଲେ, “କଲେକ୍ଟର ମଧ୍ୟ ବାବାଙ୍କର ଭକ୍ତ, ବୁଝିଲୁ ମକରା।”

“ହେଲେ ବାବାଙ୍କ ପାଖକୁ ସେ ଆସିବା କଥା। ଅଥଚ ବାବା ତାଙ୍କ ପାଖକୁ...?” ମକରା ଆଶ୍ଚର୍ଯ୍ୟ ହୋଇ ପଚାରିଲା।

“ଏକା କଥା ନୁହଁ କିରେ! କେତେବେଳେ ଭକ୍ତ କିମ୍ବା ଶିଷ୍ୟ ଗୁରୁଙ୍କ ପାଖକୁ ଯିବେ ତ କେତେବେଳେ ଖୋଦ୍ ଗୁରୁ ଶିଷ୍ୟ ପାଖକୁ ଆସିବେ। କିଏ କାହା ପାଖକୁ ଯିବା କି ଆସିବା ଉଚିତ, ଅନୁଚିତ, ସେ ସବୁକୁ ଧରିବସିଲେ କ’ଣ ଚଳିବ? ତୁ ସବୁ କଥାରେ ମୁଣ୍ଡ ପୂରେଇ ପାଇବୁ କ’ଣ କହିଲୁ?”- ଭାବଭାଇ ମକରାକୁ ତାଗିଦ୍ କରି କହିଲେ।

ପରେ କିନ୍ତୁ ମକରାକୁ କଥା ଅଛପା ରହିଲା ନାହିଁଯେ ଜମିଜମା ମୋକଦ୍ଦମାର ଫଇସଲା ପାଇଁ ବାବା କଲେକ୍ଟରଙ୍କ ପାଖକୁ ଯାଇଥିଲେ। ଅତଃପର ଆଶ୍ରମର ଗୋଟିଏ କୋଠରିରେ ବାବାଙ୍କୁ ସେମାନେ ଅପେକ୍ଷା କରି ରହିଲେ। ମକରା ନିଦେଇଗଲା। ହଠାତ୍ ଭାବଭାଇର ଡାକରେ ମକରାର ନିଦ ଚାଉଁକିନା ଭାଙ୍ଗିଗଲା। ଭାବଭାଇ ଆସ୍ତେକିନା ମକରାକୁ କହିଲେ, “ବାବା ଆସିଗଲେଣି। ଉପର ମହଲାରେ ତାଙ୍କ କୋଠରିରେ ସେ ଟିଭି ପ୍ରୋଗାମ୍ ଦେଖୁଛନ୍ତି। ମୁଁ ଖବର ପଠେଇଛି।”

- ବାବାଙ୍କର ଟିଭିଦେଖା?

- ହୁଁ, ବାବା ହେଲେ ବୋଲି କ’ଣ ଟିଭି ଦେଖିବେନି? କ’ଣ ଦେଶ ବିଦେଶର ଖବର ଜାଣିବେ ନାହିଁ? କି କଥା କହୁଛୁ କହିଲୁ?

ଅତଃପର ପ୍ରତୀକ୍ଷାର ଅନ୍ତ ଘଟିଲା। ବାବା ତଳ ମହଲାକୁ ଆସିଲେ। ତାଙ୍କ ପାଇଁ ଉଦ୍ଦିଷ୍ଟ ଆର୍ମ ଚେୟାର ଉପରେ ସେ ଉପବିଷ୍ଟ ହେଲେ। ଗୋରା ତକତକ କୋମଳ ଅଙ୍ଗରେ ପୀତ-ବସନ ପରିଧାନ ତାଙ୍କୁ ବେଶ୍ ମାନୁଥିଲା। ବୟସ ଚାଳିଶ ଭିତରେ। ସୁନ୍ଦର ସ୍ୱାସ୍ଥ୍ୟ, ଚୋଖା ଚେହେରା। ଆର୍ମ ଚେୟାରରେ ଆଉଜି ପଡ଼ି ନିଜ ମୁଣ୍ଡର ସାମ୍ପୁକରା ଘନକୃଷ୍ଣ କେଶ ଓ ସଯତ୍ନ ବର୍ଦ୍ଧିତ ଚିକ୍କଣିଆ ଦାଢ଼ିକୁ ବାମହାତ ପାପୁଲିରେ ଆସ୍ତେଆସ୍ତେ ସାଉଁଳେଇବାକୁ ସେଇକ୍ଷଣରେ ସେ ପରମ ସୁଖ ମଣିଲେ। ଭାବଭାଇଙ୍କର ନିର୍ଦ୍ଦେଶାନୁଯାୟୀ ମକରା ବାବାଙ୍କୁ ପ୍ରଣାମ କରିବାରୁ ବାବା ‘କଲ୍ୟାଣମସ୍ତୁ’ କହି ମକରାକୁ ଆଶୀର୍ବାଦ କଲେ। ମକରାର ସନ୍ଧାନୀ ଆଖିଯୋଡ଼ିକ କିନ୍ତୁ ହଠାତ୍ ଠାବକଲା ଜଣେ ସୌମ୍ୟା ଭଦ୍ର ମହିଳାଙ୍କୁ। ବାବାଙ୍କ ଅତି ନିକଟକୁ ଆସି ଭଦ୍ରମହିଳା ବାବାଙ୍କ ହାତକୁ ମୋବାଇଲ୍ ଫୋନ୍ ବଢ଼େଇ ଦେଲେ। ମକରା ଜାଣିବା ନିମନ୍ତେ ବାବା ଅତ୍ୟନ୍ତ ଧୀର ସ୍ୱରରେ କହିଲେ, “ଏ ଆଶ୍ରମବାସିନୀ ହେଉଛନ୍ତି ମୋର ସହଧର୍ମିଣୀ। ଗତବର୍ଷ ସେ ବାଣୀବିହାରରୁ ସଂସ୍କୃତରେ ଏମ୍‌ଏ ପାସ୍ କରିଛନ୍ତି। ବୃତ୍ତିରେ ସେ ଏବେ ଶିକ୍ଷକତା କରୁଛନ୍ତି।”

ଭଦ୍ର ମହିଳାଙ୍କୁ ହାତଯୋଡ଼ି ନମସ୍କାର କଲା ମକରା। ତାଙ୍କର ଋଷି ମନଲୋଭା ଅପରୂପ କାନ୍ତି ସହିତ ବାବାଙ୍କର ତେଜୋଦୀପ୍ତ ଚୋଖା ଚେହେରାକୁ ତାଳମେଳ କରୁଥିଲା ମକରା। କିଛି ସମୟ ପାଇଁ ମକରା ସହ କଥାବାର୍ତ୍ତା ହୋଇ ବାବା ଉପର ମହଲାକୁ ବିଶ୍ରାମ ପାଇଁ ଚାଲିଗଲେ। ସୁଦର୍ଶନା ଭଦ୍ର ମହିଳାଙ୍କ ସମ୍ପର୍କରେ ଭାବଭାଇ ମକରାକୁ କହିଲେ, ଏ ହେଉଛନ୍ତି ବାବାଙ୍କ ସେବାକାରିଣୀ ଯାନି ପ୍ରଧାନ ଶିଷ୍ୟା। ଆମମାନଙ୍କ ପାଇଁ ସେ ହେଲେ ମାଆ। ମାଆଙ୍କୁ ସ୍ୱପ୍ନାଦେଶ ହେଲା, ତୁରନ୍ତ ଯାଇ ବାବାଙ୍କ ପାଖରେ ରହିବାକୁ। ସବୁ ସେଇ ଈଶ୍ୱରଙ୍କ ଲୀଳା। ବୋଇଲା, ‘କରି କରାଉ ଥାଏ ସେହି। ତା’ବିନୁ ଅନ୍ୟଗତି ନାହିଁ।’ ମାଆଙ୍କର ଏଇବର୍ଷ ପୁଅଟିଏ ମଧ୍ୟ ହୋଇଛି, ଅବିକଳ ବାପାଙ୍କ ପରି।”

ମକରାର ମନ ଭିତରେ ଅନେକ ଚିନ୍ତାର ତରଙ୍ଗ ସୃଷ୍ଟି ହେଲା। ସେସବୁରେ ସମନ୍ୱୟ ଆଣିବା ପାଇଁ ବାରମ୍ବାର ଚେଷ୍ଟା କରି ମଧ୍ୟ ସେ ଯେମିତି ବିଫଳ ହେଉଥିଲା। ବାବାଙ୍କର ମହିମା ସତରେ ଅପାର! ଦୁଇ ଏକର ପରିମିତ ଆଶ୍ରମ-ସମ୍ପତ୍ତିର ମାଲିକାନା, ରାଜନୀତିଆମାନଙ୍କଠାରୁ ଆରମ୍ଭ କରି ପ୍ରଶାସକ, ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନଙ୍କ ପର୍ଯ୍ୟନ୍ତ ବାବାଙ୍କ ଶିଷ୍ୟତ୍ୱ ଗ୍ରହଣ ପାଇଁ ଯେଉଁଭଳି ଗଣଦୌଡ଼, ଏସବୁ କିଛି କମ୍ କଥା ନୁହେଁ! ତା’ ସହିତ ଜଣେ ସାଂସାରିକ ହୋଇ ପତ୍ନୀ, ପୁତ୍ରର ପରିପୂର୍ଣ୍ଣ ସଂସାର ଭୋଗ, ଶିଷ୍ୟମାନଙ୍କର ଅକୁଣ୍ଠ ଅର୍ଥଦାନ ଫଳରେ ପର୍ଯ୍ୟାପ୍ତ ବ୍ୟାଙ୍କ ବାଲାନ୍ସ, ସମ୍ଭ୍ରାନ୍ତପୂର୍ଣ୍ଣ ଷ୍ଟାଟସ୍ ମେଣ୍ଟେନ୍ କରିବା ବାବାଙ୍କର ଅନେକ ଜନ୍ମର ତପର ଫଳ ନିଶ୍ଚୟ।

ବାବାଙ୍କର ବିଳାସପୂର୍ଣ୍ଣ ଜୀବନର ଦିଗ୍‌ବଳୟ ଆଡ଼କୁ ମକରା ତାଜୁବ୍ ହୋଇ ଅନେଇ ରହିଥିଲା କେବଳ!

- ଡ୍ୟୁପ୍ଲେକ୍ସ: ୧୦ (ବି)
ବୀମାବିହାର, ମର୍କତନଗର, ସେକ୍ଟର- ୬, କଟକ

# ମୁଗ୍ଧ ବନ୍ଦାପନା ଏକ ବିରଳ ବହିର

ପ୍ରଚାର ବଳରେ ହେଉ ବା ସୌଭାଗ୍ୟବଶତଃ ହେଉ, ବହୁ ସମୟ ବ୍ୟବଧାନରେ ମନଯୋଗୀ ପାଠକର ହାତକୁ ଆସେ ଖଣ୍ଡିଏ ଖଣ୍ଡିଏ ଏପରି ଦୁର୍ଲଭ ବହି, ଯାହାକୁ ପଢ଼ି ସେ କୃତାର୍ଥ ହୁଏ। ମୁଦ୍ରଣ ସୁବିଧା ଯୋଗୁଁ ହେଉ କି ଅଣ୍ଟିରେ ଠୁଳିଭୂତ ସଦ୍ ବା ଅସଦ୍ ଅର୍ଥର ଦମ୍ଭ ହେଉ, ଏବେ ପ୍ରାୟ ପ୍ରତ୍ୟହ ଶତାଧିକ ଓଡ଼ିଆ ପୁସ୍ତକ ବଜାରରେ ଉପଲବ୍ଧ। ଲେଖକଙ୍କ ଯଶ ଲାଳସାର ସୁଯୋଗକୁ ହାତଛଡ଼ା ନ କରି ଚତୁର ଗ୍ରନ୍ଥ-ମଧ୍ୟସ୍ଥିମାନେ ଅସାହିତ୍ୟକୁ ବିରଳ ରଚନା କହି ସୁଦୃଶ୍ୟ ମୁଦ୍ରଣ ଓ ପରିପାଟୀ ଶୋଭିତ ଏତେ ଗ୍ରଂଥ ନିତିପ୍ରତି ବଜାରକୁ ଛାଡୁଛନ୍ତିଯେ, ବିବେକୀ ପାଠକେ ଏ ସବୁ ଦେଖି କାବା। ଲେଖକର ନିଜସ୍ୱ ବ୍ୟୟରେ ଆୟୋଜିତ ବର୍ଣ୍ଣାଢ଼୍ୟ ଉନ୍ମୋଚନ ଉତ୍ସବମାନଙ୍କରେ ନାମୀଦାମୀ ଲେଖକଙ୍କ ଅସଦ୍ ଉପଯୋଗ କରି ଅସାଧୁ ଏହି ସାରସ୍ୱତ-ମାମଲତକାରମାନେ ଅଲେଖକର ମନରେ ଏପରି ଏକ ଅଳୀକ ପ୍ରତ୍ୟୟ ଆଣନ୍ତି, ଯଦ୍ଦ୍ୱାରା ସେଇ ନିର୍ବୋଧ ବା ଅତି ସିଆଣା ଲେଖକଟିର ହୃଦ୍‌ବୋଧ ହୁଏଯେ ନିଜ ସମୟରେ ସମ୍ଭବତଃ ସେ ଜଣେ ବଡ଼ ମାପର ଲେଖକ। ଓଡ଼ିଆ ସାହିତ୍ୟର ଏପରି ଏକ ଅକାଳରେ ସରସ୍ୱତୀଙ୍କ କୃପାରୁ ସଂଖ୍ୟାରେ ଅତି ନଗଣ୍ୟ ହେଉପଛେ, କିଛିକିଛି ସାଧକ-ସ୍ରଷ୍ଟା ନିଜର ଅପାର ଶ୍ରମ, ଅଧ୍ୟବସାୟ ଓ ପ୍ରତିଭା ବଳରେ ଓଡ଼ିଆ ବାକ୍‌ଭଣ୍ଡାରକୁ କାଳକାଳକୁ ଉଜ୍ଜ୍ୱଳ କଲା ଭଳି ପୁସ୍ତକମାନ ଉପହାର ଦିଅନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟ ଲୋକହସାରୁ ବଂଚିଯାଏ।

ଯେକୌଣସି ମହତ୍ ଓଡ଼ିଆ ପାଠକଙ୍କ ପାଇଁ କାଂକ୍ଷିତ ଏହିପରି ଏକ ପୁସ୍ତକ ଏଇ ଲେଖକର କରଗତ, ଯାହାର ଲେଖକ ପ୍ରଫେସର ଦାଶରଥି ଦାସ ଓ ପ୍ରକାଶକ ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ। ବହିଟିର ଉପଶୀର୍ଷକ ରଖାଯାଇଛି ‘‘ମୂର୍ତ୍ତିମନ୍ତ କରି ମୃଦୁ ଗୀତ ବିଚାରଇ’’, ଯାହା କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ କବିତାର ଏକ ବହୁ ବିଦିତ ଉଦ୍ଧୃତି। ଅଷ୍ଟାଦଶ ଶତାବ୍ଦୀର ସବୁଠୁଁ ବରେଣ୍ୟ କବି ଉପେନ୍ଦ୍ରଙ୍କ ପ୍ରସିଦ୍ଧ କାବ୍ୟ ‘ବୈଦେହୀଶ ବିଳାସ’, ‘କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ’, ‘ଲାବଣ୍ୟବତୀ’, ‘ପ୍ରେମ ସୁଧାନିଧି’ ଓ ‘ରସିକ ହାରାବଳୀ’ରୁ ଅତି ସଙ୍ଗୋଟତାର ସହ ଚୟିତ କେତେକ ଛାନ୍ଦ ତଥା ଭଞ୍ଜ ରଚିତ ୧୫ଟି ଚଉପଦୀ ଏଥିରେ ସ୍ଥାନିତ, ଯାହାକୁ ଦାଶରଥି ‘ଉପେନ୍ଦ୍ର ଭଞ୍ଜଙ୍କ ଶ୍ରେଷ୍ଠ କାବ୍ୟକୃତି’ ଭାବେ ଚିହ୍ନିତ କରିଛନ୍ତି। ଗ୍ରନ୍ଥଟିରୁ ସମାଲୋଚକ ଓ ପାଠକଙ୍କର ସବୁଠୁଁ ଯାହା ବଡ଼ ପ୍ରାପ୍ତି, ତାହା ହେଉଛି ଗ୍ରନ୍ଥାରମ୍ଭରେ ସ୍ଥାନିତ ‘‘ଭାରତୀୟ କାବ୍ୟ ଐତିହ୍ୟ ଓ କବି ଉପେନ୍ଦ୍ର ଭଞ୍ଜ’’ ଶୀର୍ଷକ ସତୁରୀ ପୃଷ୍ଠାର ଏକ ଦୀର୍ଘ ମୁଖବନ୍ଧ। ଏହା ଉପେନ୍ଦ୍ର-ରଚନାର ମୁଖଶାଳା ହେଲେ ବି ମୂଳ ମନ୍ଦିରଠୁଁ ଏହାର ଔଜ୍ଜ୍ୱଲ୍ୟ ବଳି ପଡ଼ିଛି। ହୁଏତ ଏପରି ହୋଇପାରେଯେ ‘ମୁଖଶାଳା’ର ବୌଦ୍ଧିକ ଦୀପ୍ତିରେ ମୁଗ୍ଧ ପାଠକଟିଏ ତାହାକୁ ଘେନୁଘେନୁ ମନ୍ଦିର ବୁଲିବା ପାଇଁ ହାତରୁ ତା’ର ସମୟ ସରିଯିବ।

‘ମୁଖବନ୍ଧ’ ବ୍ୟତିରେକେ ବହିଟିରେ ‘ବୈଦେହୀଶ ବିଳାସ’ରୁ ୧୩ଟି, ‘କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ’ରୁ ୧୦ଟି, ‘ଲାବଣ୍ୟବତୀ’ରୁ ୧୭ଟି, ‘ପ୍ରେମ ସୁଧାନିଧି’ରୁ ୨ଟି ଓ ‘ରସିକ ହାରାବଳୀ’ରୁ ୧ଟି– ଏହିପରି ୪୩ଟି ଛାନ୍ଦ ସହିତ ଭଞ୍ଜଙ୍କର ଅତି ପ୍ରସିଦ୍ଧ ଓ ଲୋକପ୍ରିୟ ୧୫ଟି ଚଉପଦୀ ସଂଯୋଜିତ ହୋଇଛି। (ଯଥା: ‘ଆଜ ଦେଖିଲିରେ’, ‘ଆହା ମୋ ଜୀବନଧନୀ’, ‘ଦ୍ୱିତୀୟାଯାମ ନିଶା’, ‘ରମଣୀରତନ ମେଘକୁ ଚାହିଁ’, ‘ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି ରଚିଲେ’, ‘ମଲ୍ଲୀମାଳ ଶ୍ୟାମକୁ ଦେବି’ ଓ ‘ମାନ ଉଦ୍ଧାରଣ କରହେ ତାରଣ’ ଇତ୍ୟାଦି)। ଶେଷରେ ଅଛି ସଂକ୍ଷିପ୍ତ ଭଞ୍ଜ ଅଭିଧାନ।

‘ମୁଖବନ୍ଧ’ରେ ରହିଛି ମୋଟ ୧୬ଟି ପରିଚ୍ଛେଦ। ସଂରଚନା ପରସ୍ପର ନିର୍ଭର। ଉପେନ୍ଦ୍ରଙ୍କ କାବ୍ୟକୃତି ସମ୍ପର୍କରେ ଲେଖକଙ୍କର ନିଜସ୍ୱ ଧାରଣାଟି ଅତି ପରିଚ୍ଛନ୍ନ। ଠାଏଠାଏ ଚିରାଚରିତ ବ୍ୟାଖ୍ୟାରୁ ବାଟଭାଂଗି ସେ ନୂଆ ଅର୍ଥର ସଂଧାନ କରିଛନ୍ତି। ଊନବିଂଶ ଶତାବ୍ଦୀର ମଧ୍ୟଭିକ୍ଟୋରିଆ-ବ୍ରାହ୍ମ-ଖ୍ରୀଷ୍ଟ-ସମନ୍ୱିତ ଅପମନନରୁ ଉପେନ୍ଦ୍ରଙ୍କ କୃତିକୁ ମୁକ୍ତ କରି କବିଙ୍କୁ ଭାରତୀୟ କବିତାର ସମୁଚିତ ଆସନରେ ଅଧିଷ୍ଠିତ କରାଇଛନ୍ତି। ଏକଦେଶଦର୍ଶୀ ଯେଉଁ ବୀକ୍ଷଣପଦ୍ଧତି ଦିନେ ଉପେନ୍ଦ୍ରଙ୍କୁ ଅଶ୍ଳୀଳତାର କାଠଗଡ଼ାରେ ଠିଆ କରାଇ ଉପହସିତ କରାଇବାର ଅପଚେଷ୍ଟା କରିଥିଲା, ଦାଶରଥିଙ୍କ ବହୁପାଠୀ ତୁଳନାତ୍ମକ ମୂଲ୍ୟାୟନ ଦ୍ୱାରା ତାହା ନିଃସାର ପ୍ରତିପାଦିତ ହୋଇଛି। ଯେକୌଣସି କବିଙ୍କୁ ତାଙ୍କ ସ୍ୱକାଳରେ ରଖି ମୂଲ୍ୟାୟନ କରିବାର ଯେଉଁ ସୌଜନ୍ୟ ଜଣେ ସତ୍ ସମାଲୋଚକଙ୍କଠାରୁ ସାହିତ୍ୟ ପ୍ରତ୍ୟାଶା କରେ, ତା’ର ଅଭାବରେ ଜଣେ ମହତ୍ କବିଙ୍କ କାବ୍ୟକବିତା କିପରି ହଟହଟାର ଶିକାର ହୋଇପାରେ, ତା’ର ଉପଲବ୍ଧି ଦାଶରଥିଙ୍କ ବିଶ୍ଳେଷଣରୁ ପାଠକ ପାଏ। ଆର୍ତ୍ତବଲ୍ଲଭ ମହାନ୍ତିଙ୍କଠାରୁ ହୃଦାନନ୍ଦ ରାୟଙ୍କ ଯାଏ, ଯେଉଁସବୁ ବିଦଗ୍ଧ ବ୍ୟାଖ୍ୟାକାରମାନେ ଉପେନ୍ଦ୍ରଙ୍କ କାବ୍ୟକବିତାର ପର୍ଯ୍ୟାଲୋଚନା କରିଛନ୍ତି, ସେସବୁକୁ ପୃଷ୍ଠଭୂମିରେ ରଖି ପ୍ରଫେସର ଦାସ ତିନିଶହ ବର୍ଷର କାଳୋତୀର୍ଣ୍ଣ ଭଞ୍ଜକବିଙ୍କୁ ଅପେକ୍ଷାକୃତ ଏକ ବିସ୍ତୀର୍ଣ୍ଣ ପ୍ରେକ୍ଷାପଟରେ ଯେପରି ଚିର ନବୀନ କରି ଗଢ଼ିଛନ୍ତି, ତା’ର ପଟାନ୍ତର ଓଡ଼ିଆ ସମାଲୋଚନାର ଇତିହାସରେ ବିରଳ। ସମାଲୋଚକ ଭାବେ ଦାଶରଥିଙ୍କର ବଡ଼ପଣଟି ହେଉଛି, ଯେଉଁ କବି ବା ଲେଖକଙ୍କୁ ସେ ସନାକ୍ତ କରନ୍ତି, ତାଙ୍କ ସୃଷ୍ଟିର ଖୁଣ ଓ ଦୃଷ୍ଟିର ସୀମାବଦ୍ଧତାକୁ ଅତି ନିଷ୍ଠୁର ଭାବେ ଦର୍ଶାଇବା ସହ ତାଙ୍କ ମହନୀୟତାକୁ ପ୍ରତିଷ୍ଠା ଦେବାରେ ସେ ଆଦୌ କାର୍ପଣ୍ୟ କରନ୍ତି ନାହିଁ। ଆଲୋଚ୍ୟ ଗ୍ରନ୍ଥରେ ଠିକ୍ ସେ ତାହା ହିଁ କରିଛନ୍ତି। କେଉଁଠି ଅନାକାଂକ୍ଷିତ ପ୍ରଶସ୍ତି ନାହିଁ କି ଇଚ୍ଛାକୃତ ନିନ୍ଦା ନାହିଁ।


‘ମୁଖବନ୍ଧ’ରେ ପରିଦୃଶ୍ୟମାନ ଦାଶରଥିଙ୍କ ବହୁପାଠିତା ବିସ୍ମୟକର। ବ୍ୟାସ, ବାଲ୍ମୀକି, କାଳିଦାସ, ଶ୍ରୀହର୍ଷ, ଜୟଦେବ, ବାଣଭଟ୍ଟ, ଭାରବୀ, ମାଘ ଓ ସୁବନ୍ଧୁଙ୍କ ଭଳି ସଂସ୍କୃତର ଶାଳପ୍ରାଂସୁ କବିଙ୍କଠାରୁ ଆରମ୍ଭ କରି ମମ୍ମଟ, କୁନ୍ତକ, କ୍ଷେମେନ୍ଦ୍ର, ଦଣ୍ଡୀ, ଆନନ୍ଦବର୍ଦ୍ଧନ ଓ ଜଗନ୍ନାଥଙ୍କ ଭଳି ଅତି ପ୍ରଖ୍ୟାତ ସଂସ୍କୃତ ଆଳଙ୍କାରିକଙ୍କ ଯାଏ ଲେଖକଙ୍କ ଦୃଷ୍ଟି ସତର୍କ ସଞ୍ଚାଣ ପରି ଘୂରି ବୁଲିଛି। ଓଡ଼ିଆ ସାହିତ୍ୟର ନବମ ଦଶକରୁ ବିଂଶ ଶତକର ସମୟ ଅବଧିରେ ନିଜସ୍ୱ ଅବଦାନ ପାଇଁ କାଳଜୟୀ ସାବ୍ୟସ୍ତ ହୋଇଥିବା ସାରଳା, ଦୀନକୃଷ୍ଣ, ଧନଞ୍ଜୟ, ଲୋକନାଥ ବିଦ୍ୟାଧର, ଜଗନ୍ନାଥ, ବଳରାମ ଓ ରାଧାନାଥଙ୍କ ଯାଏଁ ବିସ୍ତୃତ ରହିଛି ତାଙ୍କ ପଠନଭୂମି। ଫ୍ରୀଡି ଶିଲାର, ଏମିଲି ଜୋଲା, ଓସ୍କାର ୱାଇଲ୍‌ଡ, ମାଥୀଉ ଆର୍ନୋଲ୍‌ଡ, ଏଫ୍. ହଲ୍, ଏ.ବି. କିଥ୍, ଆଲେକ୍ସ କମଫର୍ଟ, ସେକ୍ସପିୟର, ବେନିଡୋଟ୍ କ୍ରୋଚେ, ଗେଟେ, ଦାନ୍ତେ, ଟଲଷ୍ଟୟ, ହ୍ୱାଇଟ୍ ହେଡ, ସମରସେଟ୍ ମମ୍, ଜି. ଆପୋଲେନେୟାର, ଅକ୍ଟାଭିଓ ପାଜ– କାହାକୁ ସେ ଭୁଲି ନାହାନ୍ତି ତାଙ୍କ ଭଞ୍ଜମନନର ଦୁର୍ଗମ ସରଣୀରେ। ସ୍ମରଣରେ ଅଛନ୍ତି ରବୀନ୍ଦ୍ରନାଥ, ଲାଲା ରାମନାରାୟଣ ରାୟ, ବିଜୟଚନ୍ଦ୍ର ମଜୁମ୍‌ଦାର, ବିଶ୍ୱନାଥ କର, ପଣ୍ଡିତ ନୀଳକଣ୍ଠ ଦାସ ; ଏପରିକି ଭୌମକର ବଂଶର ଦଣ୍ଡୀ ମହାଦେବୀ (୯୧୬– ୯୨୩)। ଓଡ଼ିଆ ସମାଲୋଚନାକୁ ନୂଆ ଶବ୍ଦ ଓ ଶବ୍ଦାନୁଷଙ୍ଗରେ କ୍ରମାଗତ ସମୃଦ୍ଧ କରି ଭାରତୀୟ ସମାଲୋଚନାର ଦରବାରରେ ଦାଶରଥି କିପରି ଓଡ଼ିଆ ସମାଲୋଚନାକୁ ଅଭିନବ ଏକ କୌଳିନ୍ୟ ପ୍ରଦାନ କରିଛନ୍ତି, ତା’ର ଭୂରିଭୂରି ନିଦର୍ଶନ ଗ୍ରନ୍ଥଟିରୁ ମିଳେ। ପ୍ରବିରଳ, ବୈତଥ୍ୟ, ଯୌବନାଢ୍ୟ, ଶିଷ୍ୟହସା, ପୌର୍ବାପର୍ଯ୍ୟ, ସଂରକ୍ତ, ପୁତ୍ରଫଳା, ନିଶିତ, ସମ୍ଭୋଗାଂଗ, ପୌରୁଷପ୍ରଭା, ଇନ୍ଦ୍ରିୟାଳୁତା, ପୁଷ୍ଟପେଷଳ, ଖେଳଲୋଳ, ଖଳଖର, ଭୂୟିଷ୍ଠ, ବ୍ୟାଖ୍ୟାତବ୍ୟ, ଚମତ୍କୃତି, ଅକ୍ଳେଶନ, ଅପ୍ରଧୃଷ୍ୟ, ଶ୍ରବଣସୁଭଗ ଓ ଉଜ୍ଜ୍ୱଳନ୍ତ ଭଳି ଶବ୍ଦୋଲ୍ଲେଖ ପ୍ରମାଣ ଦିଏଯେ ଦାଶରଥି ଓଡ଼ିଆ ସମାଲୋଚନାକୁ ଏକ ନୂଆ ସଂଭ୍ରାନ୍ତ୍ୟ ଆଣିଦେବାରେ ସତତ ଯତ୍ନଶୀଳ। ଓଡ଼ିଆ ସମାଲୋଚନାରେ ସେ ସବୁଠୁଁ ଆଗୁସାରୀ ଶବ୍ଦ ନିର୍ମାତା। ବାକ୍ୟ ନିର୍ମାତା ଓ ମତ ନିର୍ମାତା ବି।



ପ୍ରଫେସର ଦାଶରଥି ଦାସ


ଦାଶରଥିଙ୍କ ସମାଲୋଚକୀୟ ଭାଷା କିପରି ପୋଖତ ଓ ପ୍ରଜ୍ଞାପୁଷ୍ଟ ତା’ର ପ୍ରଚୁର ଦୃଷ୍ଟାନ୍ତ ଆଲୋଚ୍ୟ ଗ୍ରନ୍ଥରେ ଥିଲେ ବି ତହିଁରୁ କେଇଟି ଉଦାହରଣ ପାଠକଙ୍କ ଅବଗତି ପାଇଁ ଏଠାରେ ପ୍ରଦତ୍ତ– ୧. ‘‘ଭଞ୍ଜ ସାହିତ୍ୟ ଯାହା ଦେଇଛି, ତାହା ସାଧାରଣ ଦୈନନ୍ଦିନ ଜୀବନ ଅଭିଜ୍ଞତାର ପୁନରାବୃତ୍ତି ମାତ୍ର ନୁହେଁ; ତାହା ଆହୁରି ସୁନ୍ଦର, ଆହୁରି ଶୋଭନୀୟ, ଆହୁରି ଅର୍ଥପୂର୍ଣ୍ଣ ଛବି; ଅଶ୍ଳୀଳତା କଥା ଭାବିଲେ ଆମେ ସାଧାରଣତଃ ଯାହା ବୁଝୁ, ତାହା ଭଞ୍ଜ ସାହିତ୍ୟରେ ନାହିଁ। ଭଞ୍ଜଙ୍କ ଅଶ୍ଳୀଳତାର ଆନନ୍ଦ ଅଛି। ଶ୍ରୀ ଅଛି, ସୌନ୍ଦର୍ଯ୍ୟ ଅଛି। ଭଞ୍ଜକାବ୍ୟ ଦାମ୍ପତ୍ୟ ପ୍ରେମର ଶାରୀରିକ ଭାଷ୍ୟ। ଏଥିରେ ଅନୈତିକତା କିଛି ନାହିଁ କି ଅଶ୍ଳୀଳତା କିଛି ନାହିଁ।’’ ୨. ‘‘ପ୍ରେମ ପ୍ରଥମେ ଦେଖାଦିଏ ସାହିତ୍ୟରେ, ପରେ ଜୀବନକୁ ଆସେ। ଭଞ୍ଜ ସାହିତ୍ୟରେ ପ୍ରେମର ସ୍ୱରୂପ ଦେଖି ଓଡ଼ିଆଏ ଦାମ୍ପତ୍ୟ ପ୍ରେମକୁ ଚିହ୍ନିଥାନ୍ତି। x x x ଆମ ପାଇଁ ଭଞ୍ଜ ସାହିତ୍ୟର ପ୍ରାସଙ୍ଗିକତା ବଢୁଛି ଦିନୁଦିନ ସିନା, ହ୍ରାସ ପାଉ ନାହିଁ।’’ ୩. ‘‘ଭଞ୍ଜଙ୍କ ପାଇଁ କାବ୍ୟସୃଷ୍ଟି ଏକ ରଚନା-କାର୍ଯ୍ୟ। ସେ ବଡ଼ ଫର୍ମ ସଚେତନ। ଭାବାବେଗ ଯଥେଷ୍ଟ ନୁହେଁ ବୋଲି ସେ ଜାଣନ୍ତି; ଭାବାବେଗ ମୁଗ୍ଧ କରିପାରେ ନାହିଁ। ମୁଗ୍ଧ କରିଥାଏ ରୂପ।’’ ୪. ‘‘ଓଡ଼ିଆ ଭାଷାର ଶବ୍ଦଭଣ୍ଡାର ଅନନ୍ତ, କାବ୍ୟ ବ୍ୟବହାର୍ଯ୍ୟ ଉପାଦାନ ମଧ୍ୟ ପ୍ରଚୁର, ଏଗୁଡ଼ିକୁ ବ୍ୟବହାର କରିବାକୁ ମହତ୍ କବିଟିଏର ପ୍ରୟୋଜନ ଥିଲା। ଉପେନ୍ଦ୍ର ଭଞ୍ଜ ସେହି କବି ଯିଏ ଭାଷା ଓ ଅଳଙ୍କାର ମାଧ୍ୟମରେ ସେଗୁଡ଼ିକର ସଦ୍‌ବ୍ୟବହାର କରିଯାଇଛନ୍ତି।’’ ୫. ‘‘ଉପେନ୍ଦ୍ର ଓଡ଼ିଆ ଭାଷା ପ୍ରୟୋଗରେ ସ୍ୱକୀୟତାର ଅଭିଜ୍ଞାନ ଫୁଟାଇବାକୁ ନିଜ ବାଗରେ ଶବ୍ଦ ପ୍ରୟୋଗ କରି ତାହାକୁ ଯଥାସମ୍ଭବ ଅଗ୍ରଗତି ଦାନ କରିଛନ୍ତି। ସମସାମୟିକ ଭାଷାର ଗୁଣାବଳୀ ସେ ବ୍ୟବହାର କରିଛନ୍ତି ନିଶ୍ଚୟ; ପ୍ରଚଳିତ ବାଗ୍‌ଧାରା ତଦ୍ଦ୍ୱାରା ପ୍ରବହମାନତା ଅର୍ଜିଛି। ଶବ୍ଦାର୍ଥ, ଧ୍ୱନିବୈଶିଷ୍ଟ୍ୟ ଓ ବାକ୍ୟଗଠନ କ୍ଷେତ୍ରରେ ପରିଚିତ ହୋଇ ବି ଅପରିଚୟର ବିସ୍ମୟ ସୃଜିଛି।’’ ୬. ‘‘ଭଞ୍ଜ ସରସ୍ୱତୀ ସଧବା। ବିଭୂଷିତା। x x x ଉତ୍ତାପହୀନ ଅଗ୍ନି ଥାଇପାରେ; କିନ୍ତୁ ଅଳଙ୍କାରବିହୀନ ପଦଟିଏ ବି ମିଳିବ ନାହିଁ ଭଞ୍ଜ କାବ୍ୟରେ। x x x ସେ ଶବ୍ଦର ଉପାସକ, ଧ୍ୱନିର ପୁରୋଧା।’’ ୭. ‘‘ଅନେକ ଭଞ୍ଜ ପଦାବଳୀ ପ୍ରବାଦରେ ପରିଣତ। x x x ଓଡ଼ିଆଙ୍କ ପ୍ରତିଦିନର ଜୀବନରେ ଭଞ୍ଜ ପଦାବଳୀ ବ୍ୟବହୃତ। ‘ବେନି ଜନେ ପଡ଼ିଛି ଏକ ଦଶା’, ‘କିସ ପୁଣି ଦେଖା ନ ଯାଏ ଜିଇଥିଲେ ଜୀବନେ’ ଓ ‘ମନ୍ତ୍ର ପୀରତି ବେନି ଗୁପତ’ ଆଦି ପଦ ବ୍ୟବହାର ଜନମନ ଅଧିକାରର ବଳିଷ୍ଠ ପ୍ରମାଣ; ଭଞ୍ଜ ଜାତୀୟ ସ୍ମରଣର ଅନ୍ତରଙ୍ଗ।’’

ଆର୍ତ୍ତବଲ୍ଲଭ ମହାନ୍ତିଙ୍କଠାରୁ ହୃଦାନନ୍ଦ ରାୟଙ୍କ ଯାଏ, ଯେଉଁସବୁ ବିଦଗ୍ଧ ବ୍ୟାଖ୍ୟାକାରମାନେ ଉପେନ୍ଦ୍ରଙ୍କ କାବ୍ୟକବିତାର ପର୍ଯ୍ୟାଲୋଚନା କରିଛନ୍ତି, ସେସବୁକୁ ପୃଷ୍ଠଭୂମିରେ ରଖି ପ୍ରଫେସର ଦାସ ତିନିଶହ ବର୍ଷର କାଳୋତୀର୍ଣ୍ଣ ଭଞ୍ଜକବିଙ୍କୁ ଅପେକ୍ଷାକୃତ ଏକ ବିସ୍ତୀର୍ଣ୍ଣ ପ୍ରେକ୍ଷାପଟରେ ଯେପରି ଚିର ନବୀନ କରି ଗଢ଼ିଛନ୍ତି, ତା’ର ପଟାନ୍ତର ଓଡ଼ିଆ ସମାଲୋଚନାର ଇତିହାସରେ ବିରଳ। ସମାଲୋଚକ ଭାବେ ଦାଶରଥିଙ୍କର ବଡ଼ପଣଟି ହେଉଛି, ଯେଉଁ କବି ବା ଲେଖକଙ୍କୁ ସେ ସନାକ୍ତ କରନ୍ତି, ତାଙ୍କ ସୃଷ୍ଟିର ଖୁଣ ଓ ଦୃଷ୍ଟିର ସୀମାବଦ୍ଧତାକୁ ଅତି ନିଷ୍ଠୁର ଭାବେ ଦର୍ଶାଇବା ସହ ତାଙ୍କ ମହନୀୟତାକୁ ପ୍ରତିଷ୍ଠା ଦେବାରେ ସେ ଆଦୌ କାର୍ପଣ୍ୟ କରନ୍ତି ନାହିଁ।




ଶେଷରେ ଏତିକି କହିବିଯେ ଆଲୋଚ୍ୟ ପୁସ୍ତକଟି ଉପେନ୍ଦ୍ର ଭଞ୍ଜଙ୍କର ଏକ ଯୁଗାନ୍ତକାରୀ ଆବିଷ୍କାର। ଏତେ କାଳ ପରେ ଉପେନ୍ଦ୍ରଙ୍କୁ ଦେଖିବାର ଏକ ଜ୍ୟୋତିଦୀପ୍ତ ନୂଆ ଆଖି। ଅନ୍ତତଃ ଗ୍ରନ୍ଥର ମୁଖବନ୍ଧଟି ଇଂଲିଶ୍ ଓ ହିନ୍ଦୀରେ ଅନୂଦିତ ହୋଇପାରିଲେ ଭାରତୀୟ କାବ୍ୟକବିତାରେ ଉପେନ୍ଦ୍ର ପାଆନ୍ତେ ଅଭାବିତ ସମ୍ମାନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତାକୁ ମିଳନ୍ତା ଅସପତ୍ନ ଆଧିପତ୍ୟ।

**– ଆକଳନ : ଡ. ହୃଷୀକେଶ ମଲ୍ଲିକ**




# ପବନା

**ପ୍ରକାଶ ମିଶ୍ର**

ଶୈଶବ ଓ କୈଶୋରରେ
ମୋର ସାଙ୍ଗ ପବନା ଥିଲା
ମୋର ଗୁରୁ, ମୋର ହୀରୋ।
ପାଠ ଛାଡ଼ିଦେଲେ
ସବୁଥିରେ ସେ ଆଗରେ।

ପାଣିରେ ସିଏ କୁମ୍ଭୀର
ଗଛରେ ମାଙ୍କଡ଼
ବାଗୁଡ଼ି ଖେଳରେ ଭୀମସେନ
ବାର୍ତ୍ତୁଲିଖଡ଼ା ମାରିବାରେ ଅର୍ଜୁନ।

ପବନାଟା କିନ୍ତୁ
ଝିଅ ପିଲାଙ୍କୁ ଏଣୁତେଣୁ କହେ
ମତେ ଅସନା କଥା ଶିଖାଏ।

ତା' କଥାରେ ପଡ଼ି
ମୁଁ ଥରେ ମୋ' ସାଙ୍ଗ ଝିଅକୁ
ମାଗି ବସିଲି ପ୍ରେମଯେ
ଖାଇଲି ଗୋଟେ ଶକ୍ତ ଚାପୁଡ଼ା
ପବନା କିନ୍ତୁ କହିଲା
ଏମିତି ହୁଏ ପ୍ରେମରେ।

ଅନେକ ବର୍ଷ ହେବ
ପବନା ସହ ଦେଖା ହୋଇ ନ ଥିଲା
ଏବେ ଗାଁକୁ ଯାଇଥିଲି,
ପବନାର ମୋର
ଆକାଶ ପାଣି
ଓ ବିଲ କେରାଣ୍ଡି ଭଜାର
ମଜା ନେଉନେଉ
ହଠାତ୍ ମୁକ୍ତକେଶୀ ଝିଅଟିଏ
ଆମ ପାଖ ଦେଇ ଚାଲିଗଲା...
ପିଲାବେଳୁ ତ ପବନା ସାଙ୍ଗରେ ପଡ଼ି
ଅଳିଆ ଦୋଷରେ ମୁଁ ଆକ୍ରାନ୍ତ
ପଚାରିଦେଲି–
''ଫୁଲଟା କେଉଁ ଗଛର କିରେ !''

ପବନା କହିଲା,
''ଆରେ ବୁଢ଼ାଟାଏ ହେଲୁଣି
ସୁଧୁରିଲୁନି ଏଯାଏଁ !''
ଆଜି ବି ପବନା ମୋର ଗୁରୁ !

**– ଝରି ରାଉତରାୟ କଲୋନୀ,
ରସୁଲଗଡ଼, ଭୁବନେଶ୍ୱର**

# ମୁଁ ତୋର କେବଳ

**କୃଷ୍ଣ କୁମାର ମହାନ୍ତି**

କେବେ ବି କହିପାରିଲି ନାହିଁ
ମୁଁ ତୋର କେବଳ।

ମହମବତି ପରି ଅଧା ଅନ୍ଧାରକୁ ଯା' ଯା' କହି
ଚାଲିପାରିଲି କେତେ କାଳ !
ମୋର କେବେ ବି ସରୁ ନ ଥିବା ଭଲ ପାଇବାକୁ
ଦେଖାଇ ହେଲା ନାହିଁ
ମୋର ଅଧାଦେଖା ସ୍ୱପ୍ନ, ମୋର ଲୁହ
ତୋ'ର ଦେହଲଗ୍ନା ହେବାବେଳର ବାସ୍ନା
ସବୁ ସେମିତି ପଡ଼ି ରହିଲା
ବାସି ବିଛଣାରେ।

ମୁଁ ଜାଣେ, କେହି ବଦଳାଇ ଦେବେନି କେବେ ବି
ମୋତେ, ମୋର ଥିବା ନ ଥିବା ମୁହୂର୍ତ୍ତରେ
ମୁଁ ଖୋଜା ହେବି ନାହିଁ ମୋଟେ,
କେହି ଭାବିବ ନାହିଁ
ସେ ନାହିଁ ତ ଖାଲିଖାଲି ଲାଗୁଛି
ସାହିତ୍ୟସଭା, ସେଲ୍‌ଫି ଉଠା।

ସେତେବେଳେ
ତୋ' ମୁହଁ ଦେଖୁ ନ ଥିବି ମୁଁ। ଦେଖୁଥିବି
ତୋ' ଦେହସାରା ଲଟେଇଥିବା ମୋତେ,

ଧୂଳିକଣା ପରି ଖସିଖସି ପଡୁଥିବ
ସାରାକାଳ ବସି
ମାଖିଥିବା ମୋର ଅଦରକାରୀପଣ !

ତୁ' କେବେ ମଧ୍ୟ ଆସିବୁ ନାହିଁ
ମୁଁ ଜାଣେ।
ଏ ଧୂପ, ଦୀପ, ପ୍ରାର୍ଥନାର ବି ଅର୍ଥ ରହିବ
ନାହିଁ।
ତୁ' ସକାଳଟିଏ ପରି
ଘୁଞ୍ଚି ଘୁଞ୍ଚି ଯାଉଥିବୁ, ଅନ୍ଧାରର ଆଁ ଆଡ଼କୁ।
ଏ ଦେହ, ଏ ଯୌବନ, ଏ ନିଃଶ୍ୱାସର ରଙ୍ଗ
ଫିକା ପଡ଼ିଯିବ ଦିନେ, ତୁ ଦେଖିବୁ।

ମୋର କଳଙ୍କିତ କପାଳରେ
କେତେକେତେ ପୋଡ଼ା ଦାଗ
ତତେ ଦେଖାଇ ପାରିଲି ନାହିଁ,
ହାୟ !

**– ପ୍ଲଟ୍ ନଂ. : ଓ–୩୮୯/୩୨୦୬,
ଫକୀରମୋହନ ନଗର, କରଞ୍ଜିଆ,
ବାଲେଶ୍ୱର**

# ଭୋକ

**ମୟୂରୀ ଦାଶ**

କଉ ଅଦୃଶ୍ୟ ବିନ୍ଧାଣି
ତୋତେ, କାହିଁକି କେଜାଣି ଗଢ଼ିଲା
ମେଞ୍ଚାମେଞ୍ଚା କରି, ଊଣା ଅଧିକ
ସଭିଙ୍କ ଗର୍ଭରେ ଗର୍ଭସ୍ଥ କଲା।
କାହିଁକି କେଜାଣି
ତୋ'ଝଙ୍କାର ଆଜି,
ଠନ୍‌ଠନ୍ ହେଉଥିବା ଥାଳିରେ
ଟିକେ ଅଧିକ ଶୁଭିଲା।

ଜଣାନାହିଁ କାହିଁକି,
ତୁ' ଆସିଲା ପରେ ଦୁଃଖ ବି ତୋର
ସାଥି ହେଇ ଆସିଲା
କେତେ ଦିନ ଆଉ ରହିବୁ
ସ୍ଥାୟୀ ହେଇ
କେତେ ନାଟ ହେବ ଆଉ ତୋ' ପାଇଁ ?
ତୁ' ନ ଗଲେ ନାଇଁ
ହେଲେ ଆ' ଦେଖିବୁ
ମୁଁ ନିଶ୍ଚିନ୍ତରେ ଶୋଇଲିଣି
ମୋ' ପଲିଥିନ ତଳେ
ମୃତ୍ୟୁକୁ କୋଳେଇ॥

**– ହିଲ୍‌ଟାଉନ, ଲେନ୍ ନଂ.–୬ (ପଶ୍ଚିମ),
ଭବାନୀପାଟଣା, କଳାହାଣ୍ଡି**

# ନିୟମଗିରି

**ବିନ୍ଦୁସାଗର ଓଝା**

ଏବେ ଚାରିଆଡ଼େ କେବଳ
ବିକାଶ ଆଉ ବିକାଶ
ଏଇ ବିକାଶର ଦୁନ୍ଦୁଭି ପିଟାରେ
ଫାଟିପଡୁଛି ଦେଶର କାନ।

ରାସ୍ତାକଡ଼ରେ ଓହଳିଥିବା
ବିଜ୍ଞାପନମାନେ କରୁଛନ୍ତି
ବିକାଶର ଗୁଣଗାନ।

ଏବେ ବିକାଶ ଆଉ
ହୋଇ ରହି ନାହିଁ ଅସୂର୍ଯ୍ୟଂପଶ୍ୟା
ସେ ଯାଇ ପହଞ୍ଚିଲାଣି ମଙ୍ଗଳରେ
ହେଲେ, ଏଯାଏଁ ଆସିପାରିନି ନିୟମଗିରିକୁ
କେମିତିବା ଆସିପାରିଥା'ନ୍ତା କୁହ
ନିୟମଗିରିକୁ ତ ରାସ୍ତା ନାହିଁ।

**– ମୁକୁନ୍ଦପୁର, ଅଚ୍ୟୁତପୁର,
ରାଜକନିକା, କେନ୍ଦ୍ରାପଡ଼ା,**



# ଫୁଲବାଣୀ: ଶୀତର ଚନ୍ଦ୍ରରାଗ

**କିଶୋର ମିଶ୍ର**

ଶୀତ ଗୋଟିଏ ହରିଦ୍ରା ରଙ୍ଗ ହାତର
ରୁଣୁଝୁଣୁ ଚୁଡ଼ି ହୋଇ ଡାକୁଛି ମୋତେ
ଫୁଲବାଣୀରୁ
ଓ ମୁଁ ଭିଜି ଯାଉଛି କୁହୁଡ଼ିରେ।

ପାହାଡ଼ ମଥାନର ଘରଟି କୁହୁଡ଼ିରେ
ଝାପ୍‌ସା ଝାପ୍‌ସା
କେଉଁ ରଙ୍ଗ ଲାଗିଛି କାନ୍ଥରେ
ଦୂରରୁ ଜାଣି ହେଉନାହିଁ
ତୁମକୁ ଯେମିତି ଦୂରରୁ ଦେଖି ହେଉନି
ସଳପ ଓ ଶାଳବଣ ଭିତରୁ।।

ତୁମେ ସତରେ କେଉଁଠି ଥାଅ ?
ହିଲ୍ ଟପ୍‌ର କାଚଘର ଭିତରେ
ନା ଜଗନ୍ନାଥ ମନ୍ଦିରର ବାଇଶି ପାହାଚରେ ?
ନା ନାରାୟଣୀ ମନ୍ଦିର ବେଢ଼ାରେ
ଯେଉଁଠି ବି ଥାଅ ତୁମେ
ତୁମ ଫୁଲପକା ସ୍କାର୍ଫରେ କଙ୍କି ଓ ପ୍ରଜାପତି
ଡାଲିଆ, ଜିନିଆ ଓ ସେବତୀ।।

କୋକ୍ରାଝର କି ପୁତୁଡ଼ିରୁ ଖସି ଆସୁଛ
ଧାରଧାର ପ୍ରେମ ହୋଇ
ଓ ଜଡ଼େଇ ନେଉଛ ମୋତେ ତୁମ
ନିବିଡ଼ ଆଲିଙ୍ଗନରେ।
ତେଷଠି ବର୍ଷର ଦେହ କେମିତି
ଗୋଟାପଣେ ଥରୁଛି ଦେଖ
ତୁମ ଚନ୍ଦ୍ରରାଗରେ ;
ଆଜି ଏଇ ଶୀତ ରାତିରେ॥

(କୋକ୍ରାଝର ଓ ପୁତୁଡ଼ି: ଫୁଲବାଣୀର ଦୁଇଟି ଜଳପ୍ରପାତ)

**– ଚନ୍ଦଚୂଡ଼ ରୋଡ଼, ବୌଦ୍ଧ**

## ଗୀତି–କବିତା

# ଜୀବନ ଫୁଲ

**ହଂସନାଥ ମୁଦୁଲି**

ଜୀବନ ଗୋଟିଏ ଫୁଲରେ ସଙ୍ଗାତ
ଜୀବନ ଗୋଟିଏ ଫୁଲ
ସେ ଫୁଲ ରଙ୍ଗରେ ମହକ ଭରିଲେ
ପାଲଟେ ଅମୂଲ ମୂଲ।

ମନ ସିନା ବାଇ ଫୁଲର ରଙ୍ଗରେ
ମହକେ ହୃଦ ଯେ ପୂରେ
ଚଞ୍ଚଳ ମନକୁ ଆୟତ୍ତ କରିଲେ
ଜୀବନ ଖୁସିରେ ଭରେ।

**– ଖଣ୍ଡଗିରି, (ଡୁମୁଡୁମା–କ),ଭୁବନେଶ୍ୱର**

# ଆଜି ବି ମନେପଡ଼ିଲେ ପ୍ରଥମ ଲେଖା ମନରେ ରୋମାଞ୍ଚ ଜାଗେ...






**ଚକ୍ରପାଣି ପରିଚ୍ଛା**

ହାଇସ୍କୁଲରେ ପଢୁଥିବାବେଳେ ପଢ଼ିବାର ଗୋଟେ ଅଜବ ଝୁଙ୍କ୍ ପଶିଯାଇଥିଲା ମୁଣ୍ଡ ଭିତରକୁ। ସୌଭାଗ୍ୟ ଏମିତିଥିଲାଯେ ବହୁ ବିଶିଷ୍ଟ ଲେଖକଙ୍କର ଗଳ୍ପ, ଉପନ୍ୟାସ, କବିତା ଏବଂ ଗ୍ରନ୍ଥାବଳୀ ପଢ଼ିବାର ସୁଯୋଗ ପାଇଥିଲି। ହଠାତ୍ ଦିନେ କୌଣସି ସୂତ୍ରରୁ ଡିଟେକ୍ଟିଭ୍ ଉପନ୍ୟାସଟିଏ ମୋ' ହାତକୁ ଆସିଲା। ଏହା ପରେ ଅନ୍ୟ କୌଣସି ବହି ବଦଳରେ କେବଳ ଡିଟେକ୍ଟିଭ୍ ଉପନ୍ୟାସ ହିଁ ପଢ଼ିଚାଲିଲି। ଅଚାନକ ମନ ଭିତରେ ନିଜେ ଡିଟେକ୍ଟିଭ୍ ଉପନ୍ୟାସ ଲେଖିବା ପାଇଁ ଖିଆଲଟିଏ ସୃଷ୍ଟି ହେଲା।

୧୯୭୦ ମସିହାରେ ମାଟ୍ରିକ୍ ପରୀକ୍ଷା ପରେ ହାତରେ କିଛି କାମ ନ ଥିବାରୁ ଡିଟେକ୍ଟିଭ୍ ଉପନ୍ୟାସ ଲେଖିବା ପାଇଁ ଆପାତତଃ ମାନସିକ ସ୍ତରରେ ପ୍ରସ୍ତୁତ ହେଲି। ତେବେ ସେ ସମୟରେ ଗତାନୁଗତିକ ଭାବେ ଲେଖା ଯାଉଥିବା ଧାରାରୁ କିଛି ଅଲଗା କରିବା ପାଇଁ ସ୍ଥିର କରି ପାଣ୍ଡୁଲିପିଟିଏ ପ୍ରସ୍ତୁତ କରି ସେ ସମୟର ବହୁଳ ପ୍ରସାରିତ ମାସିକ ପତ୍ରିକା 'ମେଘମାଳା'ର ସଂପାଦକଙ୍କୁ ଚିଠିଟିଏ ଲେଖିଲି। ଉତ୍ତର ବି ପାଇଲି। ତେବେ ସର୍ତ୍ତ ଥିଲା– ଲେଖା ମନୋନୀତ ହେଲେ ଛପାଯିବ ଏବଂ ଏଥିପାଇଁ କୌଣସି ପାରିଶ୍ରମିକ ଦିଆଯିବ ନାହିଁ। ମୁଁ ସବୁ ସର୍ତ୍ତରେ ରାଜି ହୋଇ ପାଣ୍ଡୁଲିପିଟିଏ ପଠେଇଲି। ଜୁନ୍ ମାସରେ ଚିଠିରେ ସଂପାଦକ ଜଣାଇଲେଯେ, ଆଗାମୀ ସଂଖ୍ୟା (ଜୁଲାଇ)ରେ ଲେଖା ପ୍ରକାଶ ପାଇବ।

ଜୁଲାଇ ଦ୍ୱିତୀୟ ସପ୍ତାହବେଳକୁ ଗୋଟିଏ ପାର୍ସଲ ଆସି ପହଞ୍ଚିଲା। ଖୋଲିଦେଖେ ତ –୧୦ଟି ବହି। ବହିର କଭର ପୃଷ୍ଠା ଓଲଟେଇ ଦେଖେ– ବଡ଼ବଡ଼ ଅକ୍ଷରରେ ଲେଖାଟିର ଶୀର୍ଷକ ରହିଛି ଏବଂ ତା' ତଳେ ମୋ' ନାଁ ରହିଛି।

ସେହି ଉପନ୍ୟାସଟିର ଶୀର୍ଷକ ଥିଲା– 'ଗୋଟିଏ ମୃତ୍ୟୁର ସଂଧାନରେ'। ମୁଁ ନିଜକୁ ବି ବିଶ୍ୱାସ କରିପାରିଲି ନାହିଁ। ସତରେ କ'ଣ 'ମେଘମାଳା' ଭଳି ଏକ ବହୁଳ ପ୍ରସାରିତ ପତ୍ରିକାରେ କୋରାପୁଟ ଜିଲାର ଜଣେ ଅନାମଧେୟ ତରୁଣର ଲେଖା ପ୍ରକାଶ ପାଇଚି? କାରଣ ସେତେବେଳକୁ ମୋର ବୟସ ମାତ୍ର ୧୮ ବର୍ଷ!

ସେଇ ମୁହୂର୍ତ୍ତରେ ମୁଁ ଯେତେ ପରିମାଣରେ ଉଲ୍ଲସିତ ଏବଂ ପୁଲକିତ ହୋଇ ପଡ଼ିଥିଲି, ଆଜି ବି ମନେପଡ଼ିଲେ ମନରେ ରୋମାଞ୍ଚ ଜାଗେ। ଦୀର୍ଘ ଦଶ ବର୍ଷରୁ ଅଧିକ ସମୟ ଧରି ମୋର ବହୁ ଲେଖା ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି– କିନ୍ତୁ ମୋର ପ୍ରଥମ ଲେଖା ମୋତେ ନାହିଁ ନ ଥିବା ପୁଲକ ପ୍ରଦାନ କରିଥିଲା।


**– ବୈପାରିଗୁଡ଼ା (କୋରାପୁଟ)**



# ପୁସ୍ତକ ପରିଚୟ

## ନୂତନ ଋତୁର ପକ୍ଷୀ

**ଅନୁବାଦିକା:** ଯଶୋଧାରା ମିଶ୍ର
**ପ୍ରକାଶକ:** ଲେଖାଲେଖି, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ୮୦/–




ଆଲୋଚ୍ୟ କବିତାଗ୍ରନ୍ଥଟି ବିଂଶ ଶତାବ୍ଦୀର ବିଶ୍ୱ ସାହିତ୍ୟରେ ସ୍ୱକୀୟ ରଚନାର ସ୍ୱାତନ୍ତ୍ର୍ୟ ପାଇଁ ବହୁ ବିଦିତ ପାଞ୍ଚଜଣ କବିଙ୍କର କେତେକ ପ୍ରସିଦ୍ଧ କବିତାକୁ ନେଇ ପରିକଳ୍ପିତ। ଚୟିତ କବିମାନେ ହେଲେ ମାୟା ଏଞ୍ଜେଲୁ, ଏଡ୍ରିଆନ୍ ରିଚ୍, ସିଲିଭିଆ ପ୍ଲାଥ୍, ମାର୍ଗାରେଟ୍ ଆଟ୍‌ଉଡ୍ ଓ କେରଲ୍ ଆନ୍ ଡଫି। ସମସ୍ତେ ନାରୀ ଓ ପ୍ରତ୍ୟେକଙ୍କର ପୃଷ୍ଠଭୂମି, କର୍ମପରିସର ଓ ଜୀବନଦୃଷ୍ଟି ପ୍ରାୟତଃ ଭିନ୍ନ। ଅନୁବାଦିକା କହିଛନ୍ତି: "ପୁରୁଷ ପ୍ରଧାନ ମାନବ ସଭ୍ୟତାରେ ଯୁଗଯୁଗ ଧରି ନିରବିତ ଓ ଅବଜ୍ଞାକୁଣ୍ଠିତ ନାରୀର ସ୍ୱୀୟ ଅନୁଭବକୁ ସ୍ୱର ଦେବାରେ ତଥା ଆତ୍ମମର୍ଯ୍ୟାଦା ସହ ବଂଚିବାର ପଥ ଦେଖାଇବାରେ ଯୁଗସ୍ରଷ୍ଟାର ଭୂମିକା ନେଇଥିବା କବୀମାନଙ୍କ ଭିତରୁ ଏଇ ପାଞ୍ଚଜଣ ଅନ୍ୟତମ।" କବିତା ପୂର୍ବରୁ କବୀମାନଙ୍କର ସଂକ୍ଷିପ୍ତ ଜୀବନୀ ଓ କୃତି ସଂପର୍କରେ ପ୍ରଦତ୍ତ ସୂଚନା ପାଠିକାପାଠକମାନଙ୍କୁ କବିତା ବୁଝିବାରେ ସାହାଯ୍ୟ କରିବ ବୋଲି ଆଶା। ଅନୁବାଦରେ ମୂଳ ରଚନାର ବିଶ୍ୱସ୍ତ ହେବା ପାଇଁ ପ୍ରଯତ୍ନ ରହିଛି।

## ରେଡ୍ ରୋଜ୍

**ଗାଳ୍ପିକା:** ସ୍ୱର୍ଣ୍ଣଲତା ମହାପାତ୍ର
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର–୧୨
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୧୩୦/–




ମୋଟ ୨୪ଟି ଗଳ୍ପ, ଆକାରରେ ଅପେକ୍ଷାକୃତ ଭାବେ ଛୋଟଛୋଟ। ଗାଳ୍ପିକା ନିଜ ସମୟ ଓ ଚାରିପାଖର ପୃଥିବୀକୁ ତାଙ୍କ ଗଳ୍ପରେ ଅତି ବିଶ୍ୱସ୍ତତାର ସହ ଆଙ୍କିବାର ଚେଷ୍ଟା କରିଛନ୍ତି। ସ୍ୱର୍ଣ୍ଣଲତାଙ୍କ ଗଳ୍ପରେ ପାଠକଙ୍କୁ ଭିତରକୁ ଭିତରକୁ ଟାଣିନେବାର ଏକ ନିଶା ଥାଏ। ଯେପରି ତାଙ୍କ 'ମୁଖା' ଗଳ୍ପ। ଗଳ୍ପଟି କେବଳ ଏକ ଅନୁଭବ, କାହାଣୀ ଏଠି ଗୌଣ। ଗପଟିକୁ ପଢ଼ିସାରିଲେ ପାଠକ କ'ଣ ଗୋଟାଏ ଖୋଜିବସେ। ପାଏ, ପୁଣି ପାଏ ନାହିଁ। ଭୋକ, ଅଙ୍କ, ବାପା, ଲଭ୍ ବାଇଟ୍, ନଣ୍ଡା, ପର୍‌ଫ୍ୟୁମ୍, ରେଡ୍ ରୋଜ୍, ନାଥବାବୁଙ୍କ ହନିମୁନ୍ ଓ ନିଖୋଜ ଆଦି ଗଳ୍ପରେ କାହାଣୀ ଓ ଭାଷାର ମିଜାଜ୍‌ରେ ଯେଉଁ ଅଲଗାପଣ ରହିଛି, ତାହା ଗାଳ୍ପିକାଙ୍କୁ ତାଙ୍କ ସମକାଳର କଥାଶିଳ୍ପରେଯେ ନୂଆ ଏକ ପରିଚିତି ଦିଏ, ଏଥିରେ ସନ୍ଦେହ ନାହିଁ।

## ନୀଳାଭ ଦିଗନ୍ତ


**କବି:** ଯଶୋବନ୍ତ ସେଠୀ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୧୫୦/–




ମୋଟ ୬୦ଟି କବିତା ବହିଟିରେ ସ୍ଥାନିତ। ବହିର ପ୍ରଚ୍ଛଦଲେଖରେ କୁହାଯାଇଛି– "ସାମାଜିକ ସମ୍ପର୍କରୁ ଆମେ ବୁଝୁ ସମ୍ପର୍କର ମାନେ। ଏହି ସମ୍ପର୍କ ଭିତରେ ଅନେକ ବାଙ୍କ ଆସେ x x ଆମେ ଚାଲୁ, ଝୁଣ୍ଟୁ। x x ଆମକୁ ବଳ ଦେବା ପାଇଁ ଆମ ଆଖପାଖରେ ଥାଆନ୍ତି ଅନେକ ହାତ। ଅନେକ ହାତ ଆମ ହାତକୁ ଛାଡ଼ିଦେଲା ଭଳି ଲାଗିଲେ ବି ସେମାନେ କିନ୍ତୁ ନିରବରେ ଥାଆନ୍ତି ଆମ ସହିତ। ଏମିତି ଜୀବନର ଅନେକ କଥ୍ୟ ଓ ଅକଥ୍ୟକୁ କବିତା ସଂକଳନ 'ନୀଳାଭ ଦିଗନ୍ତ'ରେ ଜୀବନ୍ତ କରିଦେଇଛନ୍ତି ଯଶୋବନ୍ତ।" କବିତାରେ ଯଶୋବନ୍ତଙ୍କ ଉଚ୍ଚାରଣଗୁଡ଼ିକ ବେଶ୍ ଅଖଳ ଓ ନିରହଂକାର। ଯଥା: "ତମ ଘରଠାରୁ ଆମ ଘର/ କେବଳ ନଈଏ ବାଟ।/ ନଈ ଏ ପାଖେ ଆମ ଘର / ନଈ ସେ ପାଖେ ତମ ଘର।" (ନଈ ସେପାରି ଘର, ପୃ: ୧୪୨)। ଭାଷା ଓ ବିଷୟ ଚୟନରେ କବି ନୂଆ ଲାଗନ୍ତି। ସାଦାପଣର କିମିଆରେ ତାଙ୍କ କବିତା ପାଠକଙ୍କୁ ଟିହେଇ ଟିହେଇ ଅନୁଭବର ଗହନ ଅଭ୍ୟନ୍ତରକୁ ଘେନିଯାଏ।

## Footprints of Fire


**ଅନୁବାଦ ଓ ସଂପାଦନା:** ଭଗବାନ ଜୟସିଂହ
**ପ୍ରକାଶକ:** ବ୍ଲାକ୍ ଇଗଲ୍ ବୁକ୍‌ସ, ଉଇଜ୍‌ଡମ୍ ଲେନ୍, ଡବ୍‌ଲିନ୍
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୩୦୦/–




୭୪ ଜଣ କବିଙ୍କର ୭୪ଟି କବିତାକୁ ନିଜସ୍ୱ ଶ୍ରମ ଓ ଉଦ୍ୟମରେ ଇଂଲିଶ୍‌କୁ ଅନୁବାଦ କରିଛନ୍ତି କବି ଓ ସମାଲୋଚକ ଭଗବାନ ଜୟସିଂହ। ବହିଟିର ଶୀର୍ଷକ ରଖିଛନ୍ତି "Footprints of Fire". ଯେଉଁ ଓଡ଼ିଆ କବିଙ୍କ କବିତାରେ ଦୃଶ୍ୟମାନ ସେମାନଙ୍କ ପ୍ରତିଭାର ସୃଜନ–ଅଗ୍ନି, ସେଇ କବିଙ୍କ କବିତା ଗ୍ରନ୍ଥରେ ସାମିଲ ବୋଲି ସମ୍ଭବତଃ ସଙ୍କଳନର ସେ ଏପରି ନାମକରଣ କରିଛନ୍ତି। ଓଡ଼ିଶା ଓ ଓଡ଼ିଆ ଭାଷାର ପ୍ରାଞ୍ଜଳ ପରିଚୟ ସେ ଦେଇଛନ୍ତି ଗ୍ରନ୍ଥର 'ପ୍ରାଗ୍‌ଭାଷ' (Introduction)ରେ, କାରଣ ବହିଟି ଭାରତର ଭୌଗୋଳିକ ଓ ସାଂସ୍କୃତିକ ସୀମା ଡେଇଁ ଯାଉଛି ଦରିଆପାରି ନାନା ଦେଶର ନାନା ସଂସ୍କୃତି ଓ ଭାଷାରେ ଲାଳିତ ପାଠିକାପାଠକଙ୍କ ପାଖକୁ। ଗ୍ରନ୍ଥର ପ୍ରଥମ କବି ସଚ୍ଚି ରାଉତରାୟ ଓ ଶେଷ କବି ଗାୟିତ୍ରୀବାଳା ପଣ୍ଡା। 'ପ୍ରାଗ୍‌ଭାଷ'ର ଶେଷଧାଡ଼ିରେ ଅନୁବାଦକ କହନ୍ତି: "I have translated only those who I think are the best to represent almost a hundred years of Odia poetry in the English-speaking world." ଓଡ଼ିଆ କବିତାଗୁଡ଼ିକୁ ଇଂଲିଶ୍‌କୁ ନେଲାବେଳେ କବିତାର ସାମର୍ଥ୍ୟକୁ ଅତୁଟ ରଖିବା ଦିଗରେ ଭଗବାନ ଯତ୍‌ପରୋନାସ୍ତି ଉଦ୍ୟମ କରିଛନ୍ତି। ଆଶା, ବ୍ଲାକ୍ ଇଗଲ୍‌ର ଏ ଉଦ୍ୟମ ଓଡ଼ିଆ କବିତାକୁ ବିଶ୍ୱ ଦରବାରରେ ପହଞ୍ଚାଇ ଭାରତୀୟ କବିତାର ଏକ ନୂଆ ପରିଚୟ ତିଆରି କରିବ।

## କଥା ଲହରୀରେ ଶ୍ରୀଜଗନ୍ନାଥ

**ସଂପାଦନା:** ପୀତିବାସ ରାଉତରାୟ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ–୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୨୦୦/–




ଗ୍ରନ୍ଥାରମ୍ଭରେ ସଂପାଦକ ଲେଖିଛନ୍ତି: "ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଗଳ୍ପ ସଂକଳନ ଶୃଙ୍ଖଳାରେ 'କଥା ଲହରୀରେ ଶ୍ରୀଜଗନ୍ନାଥ' ହେଉଛି ଅଷ୍ଟମ ସଂକଳନ। ଅଷ୍ଟମ ଗର୍ଭ ଭଳି ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କୁ ନେଇ ପରିପୂର୍ଣ୍ଣ ଏ ଗଳ୍ପ ସଂକଳନ।" ସୁରେନ୍ଦ୍ର ମହାନ୍ତି, ଚନ୍ଦ୍ରଶେଖର ରଥ, ରଜତ କୁମାର କର, ମହାପାତ୍ର ନୀଳମଣି ସାହୁ, ବିଜୟ ପ୍ରସାଦ ମହାପାତ୍ର, ଦେବ୍ରାଜ ଲେଙ୍କା, ବନଜ ଦେବୀ, ପ୍ରତିଭା ରାୟ, ତୁରଣକାନ୍ତି ମିଶ୍ର, କୃପାସାଗର ସାହୁ, ଜୟନ୍ତୀ ରଥ, ପାରମିତା ଶତପଥୀ ଓ ଚୌଧୁରୀ ହେମକାନ୍ତ ମିଶ୍ରଙ୍କ କଥା ବିଭବକୁ ସଂପାଦକ ନିଜର ଏକ ଲେଖା ସହ ବହିଟିର ସ୍ୱର୍ଣ୍ଣ–ସଂପୁଟରେ ସଂପାଦିଛନ୍ତି। ଜଗନ୍ନାଥପ୍ରେମୀ ପାଠିକାପାଠକମାନଙ୍କୁ ଗଳ୍ପଗୁଡ଼ିକ ପଠନତୁଷ୍ଟି ପ୍ରଦାନ କରିବ ବୋଲି ଆଶା।